بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 40

ବାର୍ଷିକ ଦେୟ : 600/-

www.akhbarbadr.in

29 ରବିଉଲ୍ ଅୱଲ୍ 1446 ହି.କ, 03 ଇଖା 1403 ହି.ଶ, 03 Oct -2024 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

رَبَّنَاۤ اِنَّکَ تَعۡلَمُ مَا نُخۡفِیۡ وَمَا نُعۡلِنُ ؕ وَمَا یَخۡفٰی عَلَی اللّٰہِ مِنۡ شَیۡءٍ فِی الۡاَرۡضِ وَلَا فِی السَّمَآءِ ○

**(ଅଲ୍ ଇବ୍ରାହିମ୍ : 39)**

**ଅନୁବାଦ:** ହେ ଆମ୍ଭର ପାଳନ-କର୍ତ୍ତା ! ଆମ୍ଭେମାନେ ଯାହା କିଛି ଗୋପନ ରଖୁ ଓ ଆମ୍ଭେମାନେ ଯାହାକିଛି ପ୍ରକାଶକରୁ ତୁମ୍ଭେ ନିଶ୍ଚୟ ସେ ସବୁ ଜାଣ ଏବଂ ଆକାଶ ଓ ପୃଥିବୀର କୌଣସି ବିଷୟ ଅଲ୍ଲାଃଙ୍କ ନିକଟରେ ଲୁଚ୍କାୟିତ ରହିପାରେ ନାହିଁ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ କାମନା କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଉତ୍ତମ ଢଙ୍ଗରେ ଋଣ ପରିଶୋଧ କରିବା ନିମନ୍ତେ ଶିକ୍ଷା

(2609) ହ. ଅବୁ ହୁରୈରାହ୍ ର.ଅ ନବୀ କରୀମ୍ ସ.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି, ଆଁହଜରତ ସ.ଅ ଏକ ଋଣରେ ଏକ ଓଟ ଆଣିଥିଲେ । ପୁନଶ୍ଚ ଓଟର ମାଲିକ ଆସିଲା ଏବଂ ଆପଣ ସ.ଅଙ୍କୁ ଓଟର ଟଙ୍କା ପରିଶୋଧ କରିବା ପାଇଁ କହିଲା । ସାହାବାମାନେ ଋଣ ଦେଇଥିବା ଲେହି ମାଲିକ ପ୍ରତି କଠୋର ଶବ୍ଦ ପ୍ରୟୋଗ କଲେ । ଆପଣ ସ.ଅ କହିଲେ, ହେ ସାହବାମାନେ ! ଋଣଦାତା ଏହିପରି ହିଁ କଥା କହିଥାଏ । ସୁତରାଂ ଆପଣ ସ.ଅ ସେହି ଋଣଦାତାକୁ ତା' ଛୋଟ ବୟସ ଓଟ ତୁଳନାରେ ଏକ ବୟସ୍କ ଓଟ ଦେଇ କହିଲେ, ତୁମମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ବ୍ୟକ୍ତି ହେଉଛନ୍ତି ସେହିମାନେ ଯେଉଁମାନେ ନିଜର ଋଣକୁ ଭଲ ଭାବରେ ପରିଶୋଧ କରିଥାଆନ୍ତି ।

### ଆଁହଜରତ ସ.ଅଙ୍କ ସାହାବାମାନଙ୍କ ପ୍ରତି ଥିବା ଅନାବିଳ ପ୍ରେମ ଓ ସେମାନଙ୍କ ପ୍ରତି ସଦ୍‌ବ୍ୟବହାର

ହ. ଇବ୍‌ନେ ଉମର୍ (ହ. ଉମର୍ ର.ଅଙ୍କ ସୁପୁତ୍ର ଅବ୍‌ଦୁଲ୍ଲାଃ) ବର୍ଣ୍ଣନା କରନ୍ତି ଯେ, ସେ ରସୁଲ୍ କରୀମ୍ ସ.ଅଙ୍କ ସହିତ ଏକ ଯାତ୍ରାରେ ସାଙ୍ଗରେ ଥିଲେ ଓ ହ. ଉମର୍ ର.ଅଙ୍କ ସହିତ ଓଟ ଉପରେ ଆରୋହଣ ହୋଇଥିଲେ । ତାଙ୍କର ସେହି ସେହି ଓଟଟି ଦୁଷ୍ଟ ଅତି ଥିଲା ଏବଂ ଆଁହଜରତ ସ.ଅଙ୍କ ଠାରୁ ଖାଲି ଆଗକୁ ବଢି ଯାଉଥିଲା । ହ. ଅବ୍‌ଦୁଲ୍ଲାଃଙ୍କ ପିତା ହ. ଉମର୍ ନିଜର ସୁପୁତ୍ରଙ୍କୁ କହିଲେ, ହେ ଅବ୍‌ଦୁଲ୍ଲା ! କେହି ଆଁହଜରତ ସ.ଅଙ୍କ ଠାରୁ ଯେପରି ଆଗକୁ ନବଢୁ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ହ. ଉମର୍ ର.ଅଙ୍କୁ କହିଲେ, ହେ ଉମର୍ ! ତୁମେ ଏହି ଓଟଟିକୁ ମୋତେ ବିକ୍ରି କରିଦିଅ । ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବେହ ଏହି ଓଟଟି ଆପଣଙ୍କର ହିଁ ଅଟେ । ସୁତରାଂ ଆପଣ ସ.ଅ ସେହି ଓଟଟି କ୍ରୟ କରିନେଲେ । ଏତଦ୍‌ପରେ ଆପଣ ସ.ଅ କହିଲେ, ହେ ଅବ୍‌ଦୁଲ୍ଲାଃ ! ବର୍ତ୍ତମାନ ଉକ୍ତ ଓଟଟି ତମର ହିଁ ଅଟେ । ତୁମେ ଉକ୍ତ ଓଟ ଠାରୁ ଯେଉଁ କାମ ଚାହିଁବ ସେହି କାମ ନେଇ ପାରରିବ ।

**(ସହି ବୁଖାରୀ, ଭାଗ-4, ବାବ୍ କିତାବୁଲ୍ ହିବା)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ ! ତୁମେମାନେ ନିଜକୁ ପ୍ରତିଶୃତ ମସିହ୍‌ଙ୍କ ସଂପ୍ରଦାୟରେ ଅନ୍ତର୍ଭୁକ୍ତ କରାଇ ସାହାବାମାନଙ୍କ ସହିତ ସାକ୍ଷାତ୍ କରିବାକୁ ଅଭିଳାଷୀ ତେବେ ତୁମମାନେ ନିଜ ମଧ୍ୟରେ ସାହାବାମାନଙ୍କ ପରି ଆଚରଣ ସୃଷ୍ଟି କର ।**

---

**ମୁଁ ଯଦି ଈଶ୍ୱରଙ୍କ ତରଫରୁ ହୋଇ ନଥାଆନ୍ତି ତେବେ ତୁମେ ହିଁ କୁହ କି ଏହିଭଳି ଅପଶବ୍ଦ ଏବଂ ଏହିଭଳି ଦୁଷ୍କୃତ୍ୟ ଏବଂ କୋଳାହଳ ଏବଂ ଏହିଭଳି ବିପତ୍ତିକୁ ନିଜେ ସହ୍ୟ କରିବାକୁ କିଏ ବା ଚାହେଁ ?**

ଆଁହଜରତ ସ.ଅ ହେଉଛନ୍ତି ସେହି ଅସ୍ତିତ୍ୱ ଯିଏ ଈଶ୍ୱରଙ୍କ ଉପରେ ଗଭୀର ବିଶ୍ୱାସ କରୁଥିଲେ । ଈଶ୍ୱରଙ୍କ ଉପରେ ଭରସା କରିବା ଦ୍ୱାରା ଆପଣ ସ.ଅଙ୍କ ମୁଖକୁ ଦେଖିଲେ ଏପରି ପ୍ରତିତ ହେଉଥିଲା ଯେପରିକି ଈଶ୍ୱରଙ୍କ ଆଲୋକ ଆପଣ ସ.ଅଙ୍କ ଉପରେ ବିଚ୍ଛୁରିତ ହେଉଥିଲା । ସେହି ଆଲୋକ ଐଶ୍ୱର୍ଯ୍ୟ ଓ ରୂପ ବିଭବକୁ ନେଇ ଗଠିତ ହୋଇଥିଲା। ତହିଁରେ ଏକ ଚିତ୍ତାକର୍ଷକ ଶକ୍ତି ରହିଥିଲା । ସେହି ଚିତ୍ତାକର୍ଷକ ଶକ୍ତି ବ୍ୟାକୁଳିତ ହୃଦୟକୁ ଆକର୍ଷିତ କରି ନେଉଥିଲା । ପୁନଶ୍ଚ ଆପଣ ସ.ଅଙ୍କ ସାହାବାମାନଙ୍କ ଗୋଷ୍ଠୀ ବାର୍ତ୍ତାବହଙ୍କ ପ୍ରତି ଆଜ୍ଞାବହତା ପ୍ରଦର୍ଶନ କରିବାରେ ସେହି ଉଦାହରଣ ପ୍ରଦର୍ଶନ କଲା ଯେ, ସେମାନଙ୍କ ଅବିଚଳତା ଏପରି ଚମକୃତ ସାବ୍ୟସ୍ତ ହେଲା ଯେ, ଯିଏ ସେହି ସାହାବାମାନଙ୍କୁ ଦେଖୁଥିଲା ସେ ସହସା ବ୍ୟାକୁଳିତ ହୋଇ ସେମାନଙ୍କ ଆଡ଼କୁ ଚାଲି ଆସୁଥିଲା । ଅତଏବ୍ ସାହାବାମାନଙ୍କ ପରି ଅବସ୍ଥା ଓ ସାହାବାମାନଙ୍କ ପରି ଏକତାର ଆବଶ୍ୟକତା ବର୍ତ୍ତମାନ ମଧ୍ୟ ରହିଛି । କାରଣ ଉକ୍ତ ଜମାଅତ୍ (ସଂପ୍ରଦାୟ) ଯାହାକି ମସିହ୍ ମଉଦଙ୍କ ହସ୍ତ ଦ୍ୱାରା ପ୍ରସ୍ତୁତ ଜମାଅତ୍ ଅଟେ । ଅଲ୍ଲାଃତାଲା ଉକ୍ତ ଜମାଅତକୁ ସେହି ଜମାଅତ୍ ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି ଯେଉଁ ଜମାଅତ୍‌କୁ ରସୁଲୁଲ୍ଲାଃ ସ.ଅ ପ୍ରସ୍ତୁତ କରିଥିଲେ । ଅତଏବ୍ ଜମାଅତ୍‌ର ଉନ୍ନତି ଏହିପରି ଲୋକମାନଙ୍କର ଆଦର୍ଶ ତଥା ଉଦାହରଣ ଦ୍ୱାରା ହିଁ ହୋଇଥାଏ । ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ ! ତୁମେମାନେ ନିଜକୁ ପ୍ରତିଶୃତ ମସିହ୍‌ଙ୍କ ସଂପ୍ରଦାୟରେ ଅନ୍ତର୍ଭୁକ୍ତ କରାଇ ସାହାବାମାନଙ୍କ ସହିତ ସାକ୍ଷାତ୍ କରିବାକୁ ଯଦି ଅଭିଳାଷୀ ତେବେ ତୁମମାନେ ନିଜ ମଧ୍ୟରେ ସାହାବାମାନଙ୍କ ପରି ଆଚରଣ ସୃଷ୍ଟି କର। ଅର୍ଥାତ୍ ତୁମମାନଙ୍କ ମଧ୍ୟରେ ସାହାବାମାନଙ୍କ ପରି ଆଜ୍ଞବହତ୍ୱତା ହେବା ଉଚିତ୍, ତୁମମାନଙ୍କ ମଧ୍ୟରେ ସାହାବାମାନଙ୍କ ପରି ପ୍ରେମ ଓ ଭ୍ରାତୃତ୍ୱତା ହେବା ଉଚିତ୍ । ତୁମେମାନେ ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ଶୈଳୀରେ, ପ୍ରତ୍ୟେକ ପରିସ୍ଥିତିରେ ସେହି ପନ୍ଥା ଅବଲମ୍ବନ କର ଯେଉଁ ପନ୍ଥା ସାହାବାମାନେ ଅବଲମ୍ବନ କରିଥିଲେ । ଯେଉଁ ଲୋକମାନେ ଆମମାନଙ୍କର ବିରୋଧୀ ହୋଇ ମୋତେ ବ୍ୟଙ୍ଗ ବିଦ୍ରୂପ ଓ ଗାଲୁଗୁଲଚ କରନ୍ତି ଏବଂ ମୋତେ ଦଜ୍ଜାଲ୍ (ମାୟାବୀ) ଓ ଅବିଶ୍ୱାସକାରୀ ବୋଲି ଅଭିହିତ କରନ୍ତି। ମୁଁ ସେମାନଙ୍କ କଥାକୁ ତିଳେମାତ୍ର ଭ୍ରୂକ୍ଷେପ କରୁ ନାହିଁ। କାରଣ ଅଲ୍ଲାଃତାଲା ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱଭାବର ଆଲୋକ ବା ଜ୍ୟୋତି ଓ ନିଷ୍ପତ୍ତି ନେବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଯେତେବେଳେ କୌଣସି ବ୍ୟକ୍ତି ମଳ ତ୍ୟାଗ କରେ ସେତେବେଳେ ସେହି ମଳର ଦୁର୍ଗନ୍ଧ ମଳ ତ୍ୟାଗ କରିଥିବା ବ୍ୟକ୍ତି ମଧ୍ୟ ସ୍ୱୟଂ ଶୁଂଘି ପାରିଥାଏ । ସୁତରାଂ ଉକ୍ତ କଥାଟି ପ୍ରଥାସିଦ୍ଧ ଓ ପ୍ରକୃତ ନିୟମଭିତ୍ତିକ କଥା ଅଟେ । ପୁନଶ୍ଚ ମିଥ୍ୟା ଯାହାକି ସେହି ମଳ ଠାରୁ ମଧ୍ୟ ଆହୁରି ଦୁର୍ଗନ୍ଧ ଯୁକ୍ତ ହୋଇଥାଏ ଏବଂ ସେହି ମିଥ୍ୟାର ଦୁର୍ଗନ୍ଧ ମିଥ୍ୟାକାରୀ ବ୍ୟକ୍ତିକୁ ଆସୁ ନଥିବ କି? ଅବଶ୍ୟ ଆସୁଥିବ । ପୁନଶ୍ଚ ମୁଁ ବୁଝିପାରୁ ନାହିଁ ଯେ, ଜଣେ ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କ ଉପରେ ମିଥ୍ୟାରୋପ କରେ ଓ ଦାବିକର୍ତ୍ତା ଯେପରି ସକଳ ଶକ୍ତି ଓ ଅବିଚଳତାର ସହିତ ନିଜର ଦାବିକୁ ଉପସ୍ଥାପିତ କରିଥାଏ ଠିକ୍ ସେହିପରି ଜଣେ ସତ୍ୟବାଦୀ ମଧ୍ୟ ନିଜର ଦାବି ଉପସ୍ଥାପିତ କରିଥାଏ । ଏହା ସତ୍ୟବାଦୀର ବୈଶିଷ୍ଟ୍ୟତା ଓ ଲକ୍ଷଣ ଅଟେ । ପୁନଶ୍ଚ ସେହି ମିଥ୍ୟାବାଦୀମାନଙ୍କୁ କିପରି ଅନୁକରଣ କରାଯାଇ ପାରିବ ଓ ସେମାନେ ମୋର (ହ. ମସିହ୍ ମଉଦ୍ ଅ.ସଙ୍କର) କ'ଣଟା ବିଗାଡ଼ି ଦେବେ ?

ମୁଁ ଯଦି ଈଶ୍ୱରଙ୍କ ତରଫରୁ ଆସି ନଥାଆନ୍ତି ଏବଂ ସେ ମୋତେ ଯଦି ନିଯୁକ୍ତ କରାଯାଇ ନଥାଆନ୍ତେ ତେବେ ତୁମେ ହିଁ କୁହ କି ଏହିଭଳି ଅପଶବ୍ଦ ଏବଂ ଏହିଭଳି ଦୁଷ୍କୃତ୍ୟ, କୋଳାହଳ, ବିରୋଧ ଏପର୍ଯ୍ୟନ୍ତକି ହତ୍ୟା ଧର୍ମାଦେଶ, ମୋତେ ହତ୍ୟାକାରୀ ସାବ୍ୟସ୍ତ କରିବା ନିମନ୍ତେ ଜାଣିଶୁଣି ମୋ ଉପରେ ମକଦ୍ଦମା ଦାଏର (ମାମଲା ରୁଜୁ) କରାଗଲା । ଏହିଭଳି ବିପତ୍ତିକୁ

ନିଜେ ସହ୍ୟ କରିବାକୁ କିଏ ବା ଚାହେଁ ?

କୌଣସି ବ୍ୟକ୍ତି ଉକ୍ତ କଥାକୁ ଆଦୌ ସହ୍ୟ କରିପାରିବ ନାହିଁ ଯେ, ଏହି ପ୍ରକାରର ବ୍ୟଙ୍ଗ ବିଦ୍ରୂପମୂଳକ ଓ ଅପଶବ୍ଦମୂଳକ ଆଲେଖ୍ୟ ଓ ପତ୍ର ତା' ଠିକଣାକୁ ପ୍ରେରଣ କରାଯିବ ଓ ସେ ଏହିସବୁକୁ କର୍ଣ୍ଣପାତ କରବି । କିନ୍ତୁ ମୁଁ ସତ କହୁଛି ଯେ, ଉକ୍ତ କଥା ମୋ ଆୟତ୍ତରେ ନୁହେଁ । ଈଶ୍ୱର ଯାହା ଚାହାନ୍ତି ତାହା କରନ୍ତି । କାରଣ ସେ ସ୍ୱୟଂ ଉକ୍ତ ସଂପ୍ରଦାୟର ମୂଳଦୁଆ ସ୍ଥାପନ କରିଛନ୍ତି । ସେ ହିଁ ହୃଦୟକୁ ସେହି ଶକ୍ତି ପ୍ରଦାନ କରିଛନ୍ତି । ତେଣୁ ମୋ ସମ୍ମୁଖରେ ଏହି ସମସ୍ତ ବିପତ୍ତି ଓ ସମସ୍ୟାର କୌଣସି ଅସ୍ତିତ୍ୱ ନାହିଁ । ମୁଁ ତ' ଏହି ଅପଶବ୍ଦ, ବ୍ୟଙ୍ଗ ବିଦ୍ରୂପ ଓ ଗାଳି ଗୁଲଚ ସଂପର୍କରେ କିଛି ଜାଣି ନାହିଁ ଯେ, ଏହାକୁ ଗାଳି ଗୁଲଚ କୁହାଯାଏ । ତେଣୁ ତୁମେମାନେ ସ୍ୱୟଂ ହିଁ ଭାବିନିଅ ଯେ, ଏହି ମର୍ଯ୍ୟାଦା, ଏହି ସାମର୍ଥ୍ୟତା ଓ ଅବିଚଳତା ମିଥ୍ୟାବାଦୀ ବ୍ୟକ୍ତିକୁ କିପରି ପ୍ରାପ୍ତ ହୋଇପାରିବ ? ମୁଁ ତ' ଏହି ବିଶ୍ୱାସ କରିପାରୁ ନାହିଁ ଯେ, ଜଣେ ବ୍ୟକ୍ତି ଯେକି ମିଥ୍ୟାବାଦୀ ସେ ପୁଣି ଏହି ପ୍ରକାରର ଅର୍ଥାତ୍ ମର୍ଯ୍ୟାଦା, ସାମର୍ଥ୍ୟତା ଓ ଅବିଚଳତାମୂଳକ୍ତ ଶକ୍ତି ପ୍ରାପ୍ତ କରିନେବ । ଯେଉଁ ବ୍ୟକ୍ତି ହତ୍ୟା କରେ ତେବେ ସତ୍ୟ ହିଁ ତା'କୁ ଦୋଷୀ ସାବ୍ୟସ୍ତ କରିଥାଏ ।

ପରିଶେଷରେ ସେ ସ୍ୱୟଂ ହିଁ ଅଦାଲତ୍‌ରେ (ନ୍ୟାୟାଳୟରେ) ଯାଇ ନିଜର ଦୋଷ ସ୍ୱୀକାର କରି ନେଇଥାଏ । ତହିଁରେ ଏହି ରହସ୍ୟ ନିହିତ ରହିଛି ଯେ, ଯେଭଳି ଶକ୍ତି, ସାମର୍ଥ୍ୟତା, ଅବିଚଳତା ଜଣେ ସତ୍ୟବାଦୀ ବ୍ୟକ୍ତିକୁ ପ୍ରାପ୍ତ ହୋଇଥାଏ ସେହିଭଳି ଶକ୍ତି, ସାମର୍ଥ୍ୟତା ଓ ଅବିଚଳତା ଜଣେ ମିଥ୍ୟାବାଦୀ ବ୍ୟକ୍ତିକୁ ପ୍ରାପ୍ତ ହୋଇ ନଥାଏ । ମିଥ୍ୟା ମନୁଷ୍ୟକୁ ଭୀରୁ, କାପୁରୁଷ ଓ ଦୁର୍ବଳ କରି ଦେଇଥାଏ । ଅତଏବ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କାରୀମ୍‌ରେ କୁହନ୍ତି: فَاجْتَنِبُوا الرِّجْسَ مِنَ الْاَوْثَانِ وَاجْتَنِبُوْا قَوْلَ الزُّوْرِ **(ଅଲ୍ ହଜ୍; 31)** ଅର୍ଥାତ୍ ତୁମେମାନେ ପିତୁଳା ପୂଜାରୁ ନିଜକୁ ନିବୃତ୍ତ ରଖ ଓ ମିଥ୍ୟା କହିବାରୁ ନିଜକୁ ନିବୃତ୍ତ କର । ସୁତରାଂ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଆବଶ୍ୟକ ଯେ, ସେ ଦାବିକାରୀ ବ୍ୟକ୍ତିର ଅବିଚଳତା ଓ ଦାର୍ଢ୍ୟତାକୁ ଅବଲୋକନ କରୁ ।

**(ମଲ୍‌ଫୁଜାତ୍, ଭାଗ-2, ପୃ-35, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

ଯେଉଁ ବ୍ୟକ୍ତି ବଳିଦାନ କରେ ସେ ଯେପରି ଉକ୍ତ ପ୍ରସଙ୍ଗର ପରିପ୍ରକାଶ କରିଥାଏ ଯେ, ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ସବୁକିଛି ବଳିଦାନ କରିଦେବି। ଯେଉଁ ବ୍ୟକ୍ତି ବକ୍‌ରାହ୍‌ର (ଖାସି) ବଳିଦାନ କରିବା ସଙ୍ଗେସଙ୍ଗେ ନିଜ ଆତ୍ମାର ବଳିଦାନ ମଧ୍ୟ ଦେଇଥାଏ ସେହି ବ୍ୟକ୍ତି ସାଧୁ ତଥା ସଭ୍ୟ ବ୍ୟକ୍ତିଙ୍କ ନିକଟରେ ସମ୍ମାନସ୍ପଦ ବ୍ୟକ୍ତି ଅଟେ । କିନ୍ତୁ ଯେଉଁ ବ୍ୟକ୍ତି କେବଳ ବକ୍ରାହ୍ (ଖାସି)ର ବଳିଦାନ ଦେବାକୁ ଯଥେଷ୍ଟ ବୋଲି ମନେକରେ ତେବେ ସେ ସେହି ବ୍ୟକ୍ତି ବିଦୂଷକ, କଳାକାର ଏବଂ ଅଭିନେତା ଅଟେ । ଅତଃ ସେ କୌଣସି ପ୍ରକାରର ସମ୍ମାନର ଅଧିକାରୀ ନୁହେଁ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା ୩୮ର ବ୍ୟାଖ୍ୟା କରି କୁହନ୍ତି:

ମନେରଖ ! ବଳିଦାନରେ ଏହି ତତ୍ତ୍ୱ ନିହିତ ନାହିଁ ଯେ, ବଳୀର ଜୀବମାନଙ୍କର ମାଂସ ଅବା ସେମାନଙ୍କର ରକ୍ତ ଅଲ୍ଲାଃତାଲାଙ୍କୁ ପହଞ୍ଚିଥାଏ । ବରଂ ତହିଁରେ ଏହି ରହସ୍ୟ ରହିଛି ଯେ, ଜୀବମାନଙ୍କର ବଳିଦାନ ଦେବା ଦ୍ୱାରା ମନୁଷ୍ୟ ମଧ୍ୟରେ ଧର୍ମପରାୟଣତା ଭାବ ସୃଷ୍ଟି ହୋଇଥାଏ । ଉକ୍ତ ଧର୍ମନିଷ୍ଠତା ବା ଧର୍ମପରାୟଣତାକୁ ହିଁ ଅଲ୍ଲାଃତାଲା ଭଲ ପାଆନ୍ତି । କେତେକ ଲୋକମାନେ ଏହି ଆପତ୍ତି କରି ଥାଆନ୍ତି ଯେ, **ନାଉଜୁବିଲ୍ଲାଃ** କ'ଣ ଅଲ୍ଲାଃତାଲା ହିନ୍ଦୁମାନଙ୍କର ଦେବା ଦେବୀଙ୍କ ପରି ରକ୍ତ ପିପାସୁ ନୁହନ୍ତି କି ? ମାଂସ ସେବନ ନିମନ୍ତେ ସେ କ୍ଷୁଧାର୍ତ୍ତ ଅର୍ଥାତ୍ ଭୋକିଲା ଅଟନ୍ତି । ସେ ମନୁଷ୍ୟମାନଙ୍କୁ ଜୀବମାନଙ୍କର ବଳିଦାନ ଦେବା ନିମନ୍ତେ ଆଦେଶ ଦିଅନ୍ତି । ଜୀବମାନଙ୍କର ଜୀବନର ବଳିକୁ ସେ ସାଦରରେ ଗ୍ରହଣ କରିଥାଆନ୍ତି ଏବଂ ବଳିଦାନକାରୀଙ୍କୁ ବୈକୁଣ୍ଠଗାମୀ ହେବାର ଶୁଭ ସୂଚନା ପ୍ରଦାନ କରି ଥାଆନ୍ତି । ଉପରୋକ୍ତ ପ୍ରଶ୍ନର ଉତ୍ତର ଏହିକି ଯେ, କୁର୍ବାନୀ (ବଳିଦାନ ଅର୍ଥାତ୍ ଜୀବକୁ ଜେବହ୍ କରିବା) ଦେବାରେ ଏହି ତତ୍ତ୍ୱ ନିହିତ ନାହିଁ ଯେ, ଜୀବମାନଙ୍କର ମାଂସ କିମ୍ବା ସେମାନଙ୍କର ରକ୍ତ ଅଲ୍ଲାଃତାଲାଙ୍କୁ ପହଞ୍ଚିଥାଏ । ବରଂ ତହିଁରେ ଏହି  ରହସ୍ୟ ରହିଛି ଯେ, ଜୀବମାନଙ୍କୁ ଜେବହ୍ ଓ ସେମାନଙ୍କର ବଳିଦାନ ଦେବା ଫଳରେ ମନୁଷ୍ୟ ମନରେ ଧର୍ମନିଷ୍ଠତା ଭାବ ସୃଷ୍ଟି ହୋଇଥାଏ। ତେଣୁ ଉକ୍ତ ଧର୍ମପରାୟଣତ ବା ଧର୍ମନିଷ୍ଠାତାକୁ ହିଁ ଅଲ୍ଲାଃତାଲା ଭଲ ପାଆନ୍ତି । ତେଣୁ ଯେଉଁ ଲୋକମାନେ ଛେଳୀ, ମେଣ୍ଢା କିମ୍ବା ଖାସି, ଓଟ କିମ୍ବା ଗାଈ ଇତ୍ୟାଦି ଜୀବମାନଙ୍କର କୁର୍ବାନୀ (ବଳିଦାନ/ଜେବହ୍) କରି ଏହା ମନେ କରନ୍ତି ଯେ, ସେମାନେ ଅଲ୍ଲାଃତାଲାଙ୍କୁ ପ୍ରାପ୍ତ କରି ନେଇଛନ୍ତି ସେମାନେ ବାସ୍ତବରେ ପ୍ରମାଦ କରୁଛନ୍ତି । ଅଲ୍ଲାଃତାଲା ସ୍ପଷ୍ଟ ଭାବରେ କୁହନ୍ତି ଯେ, ଜୀବମାନଙ୍କର ଉକ୍ତ ବଳିଦାନର କୌଣସି ମୂଲ୍ୟ ନାହିଁ। ଅର୍ଥାତ୍ ମନୁଷ୍ୟ ନିଜେ ଜୀବର ବଳିଦାନ ଦେଲା ଓ ସେ ନିଜେ ହିଁ ଉକ୍ତ ଜୀବର ମାଂସକୁ ଭକ୍ଷଣ କରିନେଲା । ତହିଁରେ ଅଲ୍ଲାଃତାଲାଙ୍କର କିଛି ଯାଏ ଆସେ ନାହିଁ । ଏହା ତ' ପ୍ରତୀକାତ୍ମକ ଭାଷାରେ ଏକ ବାସ୍ତବତାର ପରିପ୍ରକାଶ ଅଟେ । ତହିଁରେ ଏକ ଗଭୀର ତତ୍ତ୍ୱ ନିହିତ ରହିଛି । ଯେପରିକି ଚିତ୍ରକରମାନେ ସର୍ବଦା ଚିତ୍ର ଅଙ୍କନ କରିଥାଆନ୍ତି । କିନ୍ତୁ ସେହି ଚିତ୍ରକରମାନଙ୍କ ଅଭିପ୍ରାୟ କେବଳ ଚିତ୍ରାଙ୍କନ କରିବା ନୁହେଁ । ବରଂ ଏହି ଚିତ୍ର ମାଧ୍ୟମରେ ସେମାନେ ଜାତି ସମ୍ମୁଖରେ କେତେକ ପ୍ରମୁଖ ବିଷୟ ବସ୍ତୁକୁ ଉପସ୍ଥାପିତ କରିବାକୁ ଚେଷ୍ଟା କରିଥାଆନ୍ତି । ତେଣୁ ସେହି ଚିତ୍ରକରମାନେ କେତେବେଳେ ଝିଞ୍ଜିରର ଚିତ୍ର ତିଆରି କରିଥାଆନ୍ତି ତ' ଆଉ କେତେବେଳେ ସେମାନେ ସୂର୍ଯ୍ୟୋଦୟର ଦୃଶ୍ୟ ଦେଖାଇ ଥାଆନ୍ତି। ତେଣୁ ଝିଞ୍ଜିର ଦେଖାଇବାରୁ ସେମାନଙ୍କର ଯଥାର୍ଥ ଜାତୀୟ ଏକତା ହୋଇଥାଏ ଓ ସୂର୍ଯ୍ୟୋଦୟ ଦେଖାଇବାରୁ ଯଥାର୍ଥ ଜାତୀୟ ଉନ୍ନତି ଦର୍ଶାଇଥାଏ। ସେହିପରି ଉକ୍ତ ପ୍ରକାଶ୍ୟମୂଳକ ବଳିଦାନ ମଧ୍ୟ ଏକ ପ୍ରତୀକାତ୍ମକ ଭାଷା ତଥା ପ୍ରତୀକାତ୍ମକ ବଳିଦାନ ଅଟେ । ସୁତରାଂ ଉକ୍ତ ପ୍ରତୀକାତ୍ମକ ବଳିଦାନର ଅର୍ଥ ଏହିକିଯେ, ଜୀବର ବଳିଦାନ ଦେଉଥିବା ବ୍ୟକ୍ତି ନିଜ ଆତ୍ମାର ବଳିଦାନ ଉପସ୍ଥାପିତ କରିବା ନିମନ୍ତେ ପ୍ରସ୍ତୁତ ଅଟେ । ସୁତରାଂ ଯେଉଁ ବ୍ୟକ୍ତି ବଳିଦାନ ଦେଇଥାଏ ସେ ଉକ୍ତ କଥା ପରିପ୍ରକାଶ କରିଥାଏ ଯେ, ମୁଁ ଈଶ୍ୱରଙ୍କ ମାର୍ଗରେ ସବୁକିଛି ବଳିଦାନ ଦେଇ ଦେବି। ଏତଦ୍‌ପରେ ଦ୍ୱିତୀୟ ସୋପାନ ଏହିକିଯେ, ମନୁଷ୍ୟ ପ୍ରତୀକାତ୍ମକ ଭାଷାରେ ଯେଉଁ ପ୍ରସଙ୍ଗର ସ୍ୱୀକାରୋକ୍ତି ପ୍ରକାଶ କରେ ତେବେ ସେ ବ୍ୟବହାରିକ ରୂପେ ମଧ୍ୟ ତାହାକୁ ସାର୍ଥକ କରି ଦେଖାଇ ଦିଏ । କାରଣ କେବଳ ଅଭିନୟ ସହିତ ଯେତେବେଳେ ବାସ୍ତବତାର କୌଣସି ସଂପର୍କ ନଥାଏ ସେତେବେଳେ ଏହା କୌଣସି ସମ୍ମାନର କାରଣ ହୋଇପାରିବ ନାହିଁ। ସିନେମାରେ ଅଭିନୟ କରୁଥିବା କଳାକାରମାନଙ୍କୁ ସାଧୁ ସଜ୍ଜନ ବ୍ୟକ୍ତିମାନେ କାହିଁକି ପସନ୍ଦ କରନ୍ତି ନାହିଁ । ତାହା ଏଇଥି ପାଇଁ ଯେ, ସିନେମା ଅର୍ଥାତ୍ ଚଳଚ୍ଚିତ୍ରରେ ଯେଉଁ ଲୋକମାନେ ସମ୍ରାଟ୍ ହୁଅନ୍ତି ସେମାନଙ୍କର କୌଣସି ବାସ୍ତବତା ନଥାଏ । କିନ୍ତୁ ପ୍ରକୃତ ସମ୍ରାଟ୍‌ଙ୍କୁ ସମସ୍ତ ଲୋକମାନେ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି। ଚଳଚ୍ଚିତ୍ରରେ ଅଭିନୟ କରୁଥିବା ସମ୍ରାଟ୍ ଯଦି ବ୍ୟବହାରିକ ଜୀବନରେ ସମ୍ରାଟ୍ ହେବା ନିମନ୍ତେ ଯଦି ସଂଘର୍ଷ ଓ ଉଦ୍ୟମ କରେ ତେବେ ସେହି ବ୍ୟକ୍ତି ଅର୍ଥାତ୍ ଅଭିନେତାକୁ ଲୋକମାନେ ଖରାପ ବୋଲି କହିବେ ନାହିଁ । କିନ୍ତୁ ଅଭିନୟ କୌଣସି ବ୍ୟକ୍ତିର ସମ୍ମାନର କାରଣ ହୋଇପାରିବ ନାହିଁ । ସେହିପରି ଯେଉଁ ବ୍ୟକ୍ତି ଖାସିର ବଳିଦାନ ସହିତ ନିଜ ଆତ୍ମାର ବଳିଦାନ ମଧ୍ୟ କରିଥାଏ ତେବେ ସେ ସାଧୁଜନ ଏବଂ ଶିଷ୍ଟ ସଭ୍ୟଙ୍କ ନିକଟରେ ସମ୍ମାନସ୍ପଦ । କିନ୍ତୁ ଯେଉଁ ବ୍ୟକ୍ତି ଖାସିର ବଳିଦାନକୁ ଯଥେଷ୍ଟ ବୋଲି ମନେକରେ ତେବେ ସେହି ବ୍ୟକ୍ତି ଅଭିନେତା, କଳାକାର ଓ ବିଦୂଷକ ଅଟେ। ତେଣୁ ସେହି ବ୍ୟକ୍ତି ସମ୍ମାନର ଅଧିକାରୀ ନୁହେଁ ।

ପୁନଶ୍ଚ ଯଦି ବିଚାର କରି ଦେଖାଯାଏ ତେବେ ଜ୍ଞାତ ହେବ ଯେ, ସେହି କଂସାଇମାନେ ଯେଉଁମାନେ ପ୍ରତିଦିନ ଜୀବମାନଙ୍କୁ ଜେବହ୍ କରିବାରେ ଅଭ୍ୟସ୍ତ ହୋଇ ଯାଇଛନ୍ତି ।  ସେମାନଙ୍କ ସ୍ୱଭାବ ଉପରେ ଜୀବ ଜେବହ୍ ହେଉଥିବାର କୌଣସି ପ୍ରଭାବ ପଡ଼ି ନଥାଏ। କିନ୍ତୁ ସେହି ସାଧାରଣ ଲୋକମାନେ ଯେଉଁମାନେ କଂସାଇ ନୁହନ୍ତି ସେମାନେ ଜୀବମାନଙ୍କୁ ଜେବହ୍ ହେଉଥିବାର ଅବଲୋକନ କରନ୍ତି ତେବେ ସେମାନଙ୍କ ସ୍ୱଭାବ ଉପରେ ଗଭୀର ପ୍ରଭାବ ପଡ଼ିଥାଏ । ସେହି ସାଧାରଣ ଲୋକମାନଙ୍କର ଚିନ୍ତାଧାରାରେ ଏକ ବିଶୃଙ୍ଖଳା ସୃଷ୍ଟି ହୋଇଯାଇଥାଏ । ଏପର୍ଯ୍ୟନ୍ତକି ସେହି ପ୍ରଭାବ ଅନୁଯାୟୀ କେତେକ ଜାତିମାନେ ବଳିଦାନକୁ ଅତ୍ୟାଚାର ଓ କ୍ରୁରତା ବୋଲି ବିବେଚିତ କରିଛନ୍ତି । ସେମାନଙ୍କର ଉକ୍ତ କୃତ୍ୟ ଦୁର୍ବଳତାର ଲକ୍ଷଣ ଅଟେ । କିନ୍ତୁ ତହିଁରେ କୌଣସି ସଂଶୟ ନାହିଁ ଯେ, ବଳିଦାନର ପ୍ରଭାବ ସ୍ୱଭାବ ଉପରେ ଅବଶ୍ୟ ପଡ଼ିଥାଏ । ତେଣୁ ଉକ୍ତ ପ୍ରଭାବକୁ ସୃଷ୍ଟି କରିବା ନିମନ୍ତେ ବଳିଦାନକୁ ଉପାସନା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି । ଅର୍ଥାତ୍ ମନୁଷ୍ୟ ବଳିଦାନ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ଉକ୍ତ କଥାର ପରିପ୍ରକାଶ କରିଥାଏ ଯେ, ଯେଭଳି ଭାବରେ ଉକ୍ତ ଜୀବଟି ଯେକି ମୋ ତୁଳନାରେ ଅତ୍ୟନ୍ତ ତୁଚ୍ଛ ଅଟେ । ଉକ୍ତ ଜୀବକୁ ମୋ ପାଇଁ ବଳି ଦିଆ ହୋଇଛି । ଅର୍ଥାତ୍ ଜେବହ୍ ହୋଇଛି । ସେହିପରି ମୁଁ ମଧ୍ୟ ଏହା ସ୍ୱୀକାର କରୁଛି ଯେ, ଯଦି ମୋ ଠାରୁ ଉତ୍କୃଷ୍ଟ ବସ୍ତୁ ନିମନ୍ତେ ମୋତେ ନିଜ ଜୀବନ ଦେବାକୁ ପଡ଼େ ତେବେ ସେପରିପ୍ରେକ୍ଷୀରେ ମୁଁ ଆନନ୍ଦ ସହକାରେ ନିଜର ପ୍ରାଣୋତ୍ସର୍ଗ କରିଦେବି । ବର୍ତ୍ତମାନ ଚିନ୍ତା କରନ୍ତୁ, ଯେଉଁ ବ୍ୟକ୍ତି ବଳିଦାନର ଏହି ତତ୍ତ୍ୱକୁ ହୃଦୟଙ୍ଗମ କରି ବଳିଦାନ ଦିଏ ତେବେ ସେହି ବ୍ୟକ୍ତିର ସ୍ୱଭାବ ଉପରେ ବଳିଦାନର ଗଭୀର ପ୍ରଭାବ ମଧ୍ୟ ପଡ଼ିବ। ସେହି ବ୍ୟକ୍ତି କିପରି ନିଜର କର୍ତ୍ତବ୍ୟକୁ ସ୍ମରଣ ରଖିବ ଯେ ତା'ର ସୃଷ୍ଟକର୍ତ୍ତାଙ୍କ ପକ୍ଷରୁ ତା' ଉପରେ ଏକ ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି? ଉକ୍ତ ଜେବହ୍‌ର ସ୍ମୃତି ତା' ମନରେ ସଦା ସର୍ବଦା ସତେଜ ରହିବ ଓ ତା'ର ହୃଦୟ ମଧ୍ୟରେ ଥିବା ବିବେକ ତା'କୁ ଏହା କହୁଥିବ ଯେ, ହେ ବ୍ୟକ୍ତି ! ତୁ ସ୍ୱହସ୍ତରୁ ଖାସି ଜେବହ୍ କରି ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରିଥିଲୁ ଯେ, ସାମାନ୍ୟ ଅର୍ଥାତ୍ ତୁଚ୍ଛ ବସ୍ତୁ ସକାଶେ ଉତ୍କୃଷ୍ଟ ବସ୍ତୁର ବଳିଦାନ ଦେବୁ । ବର୍ତ୍ତମାନ ତୋତେ ମଧ୍ୟ ଉକ୍ତ ବଳିଦାନ  ନିମନ୍ତେ ପ୍ରସ୍ତୁତ ରହିବାକୁ ହେବ। ଏହି ସତ୍ୟତା ପ୍ରତିଷ୍ଠା ନିମନ୍ତେ କିମ୍ବା ମାନବଜାତିର ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବା ନିମନ୍ତେ ତୋତେ କରିବାକୁ ପଡ଼ିବ । ଅତଏବ୍ ଅଲ୍ଲାଃତାଲା ଉକ୍ତ ବିଷୟବସ୍ତୁକୁ ଉକ୍ତ ଆୟତ୍‌ରେ ବର୍ଣ୍ଣନା କରିଛନ୍ତି । "ଅର୍ଥାତ୍ ମନେରଖ ! ହେ ବିଶ୍ୱାସକାରୀମାନେ! ଜୀବମାନଙ୍କର ରକ୍ତ ତାହାଙ୍କ ନିକଟରେ ପହଞ୍ଚେ ନାହିଁ ବରଂ ତୁମମାନଙ୍କ ଆନ୍ତରୀକ ଧର୍ମଭୀରୁତା **(ଅବଶିଷ୍ଟାଂଶ....ପୃ-୨ରେ)**

## (ଖୁତ୍‌ବା ଜୁମା)

**ଉଫକ୍‌ର ଘଟଣାରେ କେବଳ ଜଣେ ସତୀ ଓ ଅତ୍ୟନ୍ତ ଧର୍ମପ୍ରାଣା ଓ ଧର୍ମନିଷ୍ଠ ମହିଳାର ସତୀତ୍ୱ ଉପରେ ହିଁ ଆକ୍ରମଣ କରିବାର ଉଦ୍ଦେଶ୍ୟ ନ ଥିଲା । ବରଂ ମହତ୍ ଅଭିପ୍ରାୟ ଏହା ଥିଲା କି ସିଧା ସଳଖ ଭାବରେ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ଅର୍ଥାତ୍ ଆଁହଜରତ ସ.ଅଙ୍କ ସମ୍ମାନହାନୀ କରିବା ଓ ଇସ୍‌ଲାମୀୟ ସମାଜରେ ଏକ ଭୟଙ୍କର ଭୂମିକମ୍ପ (ଆଲୋଡ଼ନ) ସୃଷ୍ଟି କରିବା ଥିଲା । (ସିରତ୍ ଖାତମୁନ୍ ନବୀୟିନ୍)**

ହ. ଆଏଶା ର.ଅ କୁହନ୍ତି: "ମୁଁ ଉକ୍ତ କଥାକୁ ଭୁଲି ପାରିବି ନାହିଁ ଯେ, ହସ୍ସାନ୍ ଆଁହଜରତ ସ.ଅଙ୍କ ସମର୍ଥନରେ ଓ ଅବଜ୍ଞକାରୀମାନଙ୍କ ବିରୁଦ୍ଧରେ କବିତା କହୁଥିଲେ ।"

**"ଆମମାନଙ୍କୁ ଏହା ଦେଖିବା ଉଚିତ୍ ଯେ, ହ. ଆଏଶା ର.ଅଙ୍କ ଉପରେ ଯେଉଁ ଲାଞ୍ଛନ ଆରୋପଣ କରାଗଲା ତାହାର ପ୍ରକୃତ ଅଭିପ୍ରାୟ କ'ଣ ଥିଲା ?" (ହ. ମୁସ୍‌ଲେହ୍ ମଉଦ୍ ର.ଅ)**

"ଏକ ସାମାନ୍ୟ ଯୋଜନାରୁ ମଧ୍ୟ ଏହା ଜ୍ଞାତ ହୋଇପାରିବ ଯେ, ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଆରୋପଣ କରାଯାଇ ଦୁଇ ଜଣ ବ୍ୟକ୍ତିଙ୍କ ସହିତ ଶତ୍ରୁତା ପ୍ରଦର୍ଶନ କରାଯାଇ ପାରିଥାଆନ୍ତା । 1- ରସୁଲ୍ କରୀମ୍ ସ.ଅଙ୍କ ସହିତ, 2- ହ. ଅବୁ ବକ୍କର ର.ଅଙ୍କ ସହିତ । କାରଣ ଏକ ପକ୍ଷରେ ହ. ଆଏଶା ର.ଅ ଆଁହଜରତ ସ.ଅଙ୍କର ପତ୍ନି ଥିଲେ ଓ ଅନ୍ୟ ପକ୍ଷରେ ହ. ଆଏଶା ର.ଅ ହ. ଅବୁ ବକ୍କର ର.ଅଙ୍କର ସୁପୁତ୍ରୀ ଥିଲେ ।" (ହ. ମୁସ୍‌ଲେହ୍ ମଉଦ୍ ର.ଅ)

ସାହାବାମାନେ ପୂର୍ଣ୍ଣ ରୂପେ ଏହି ବିଶ୍ୱାସ ରଖୁଥିଲେ ଯେ, ରସୁଲ୍ କରୀମ୍ ସ.ଅଙ୍କ ପରେ ଯଦି ସେମାନଙ୍କ ମଧ୍ୟରେ କୌଣସି ବ୍ୟକ୍ତିର ଉଚ୍ଚ ମର୍ଯ୍ୟାଦା ରହିଛି ତେବେ ସେହି ବ୍ୟକ୍ତି ହେଉଛନ୍ତି ହ. ଅବୁ ବକ୍କର ର.ଅ । ହ. ଅବୁ ବକ୍କର ର.ଅ ହିଁ ଆଁହଜରତ ସ.ଅଙ୍କ ଅକାଳ ବିୟୋଗ ପରେ ଆପଣ ସ.ଅଙ୍କ ଖଲିଫା ହେବା ନିମନ୍ତେ ଯୋଗ୍ୟ ବ୍ୟକ୍ତି ଅଟନ୍ତି । (ହ. ମୁସ୍‌ଲେହ୍ ମଉଦ୍ ର.ଅ)

**"ଖିଲାଫତ୍ ସମ୍ରାଟତ୍ୱ ନୁହେଁ । ତାହା (ଖିଲାଫତ୍) ଐଶ୍ୱରିକ ଅବଲୀଳା ଜନିତ ଆଲୋକକୁ ଅବ୍ୟାହତ ତଥା ବଳବତ୍ତର ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ । ସେଇଥି ପାଇଁ ଉକ୍ତ ବ୍ୟବସ୍ଥାକୁ ଅଲ୍ଲାଃତାଲା ସ୍ୱହସ୍ତରେ ସ୍ଥାପନ କରିଛନ୍ତି । ଏହାର ଅବକ୍ଷୟ ହେବା ଅବତାରତ୍ୱର ଆଲୋକ ଓ ଐଶ୍ୱରିକ ଆଲୋକର ଅବକ୍ଷୟ ହେବା ସଙ୍ଗେ ସମାନ । (ହ. ମୁସ୍‌ଲେହ୍ ମଉଦ୍ ର.ଅ)**

ଉଫକ୍ ଘଟଣାର ପୃଷ୍ଠଭୂମିକୁ ଆୟୁଦ୍ଧ କରି ଆଁହଜରତ ସ.ଅଙ୍କ ଜୀବନୀର ବିଭିନ୍ନ ଦିଗ । (ହ. ମୁସ୍‌ଲେହ୍ ମଉଦ୍ ର.ଅ)

**ଇମାମ୍ ମୁହମ୍ମଦ୍ ବେଲୁ ସେହେବ ଅଫ୍ ସୁଡ଼ାନଙ୍କ ବିୟୋଗ ଓ ଉତ୍ତମ ଚର୍ଚ୍ଚା ତଥା ନମାଜ ଯନାଜାଃ ଗାଏବ୍ । ସେହିପରି ଜମାଅତର ସଦସ୍ୟବୃନ୍ଦଙ୍କୁ ସୁଡ଼ାନର ଅହେମଦିମାନଙ୍କ ନିମନ୍ତେ ଦୁଆ କରିବାକୁ ହୁଜୁର ଅନୱର୍ ଅ.ବଙ୍କ ଆହ୍ୱାନ ।**

**ଅଲ୍ଲାଃତାଲା ସେମାନଙ୍କ ଅବସ୍ଥା ଓ ପରିସ୍ଥିତିକୁ ପରିବର୍ତ୍ତନ କରନ୍ତୁ । ଯେପରିକି ମୁଁ କହିଲି ଦେଶରେ ଉପଦ୍ରବ, ବିଶୃଙ୍ଖଳା ଏବଂ ଅରାଜକତା ଲାଗି ରହିଛି। ଅଲ୍ଲାଃତାଲା ଉପଦ୍ରବ, ବିଶୃଙ୍ଖଳା ଏବଂ ଅରାଜକତାକୁ ଦୂର କରି ଦିଅନ୍ତୁ । ସେହି ଲୋକମାନଙ୍କ ଉପରେ ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ । ସେମାନେ ପରସ୍ପରର କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ହୁଅନ୍ତୁ । ଆମିନ୍ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 30 AUGUST 2024 ମସିହା ଅନୁଯାୟୀ ୩୦/ଜହୁର୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଜଲ୍‌ସା ସାଲାନା ଜର୍ମାନୀ ପୂର୍ବରୁ ବିଗତ ଖୁତ୍‌ବାମାନଙ୍କରେ ଆଁହଜରତ ସ.ଅଙ୍କ ଜୀବନୀ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ତହିଁରେ ହ. ଆଏଶା ର.ଅଙ୍କ ଉଫକ୍‌ର ଘଟଣାର ଚର୍ଚ୍ଚା ମଧ୍ୟ ହୋଇଥିଲା। ତତ୍‌ସମ୍ବନ୍ଧରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲାଙ୍କ ଚରିତ୍ରରେ ଉକ୍ତ କଥା ପ୍ରବିଷ୍ଟ ଥିଲା ଯେ, ସେ ୱଇଦ୍ (ଚେତାବନୀ)ର ଭବିଷ୍ୟବାଣୀକୁ କ୍ଷମାଯାଚନା ଏବଂ ଦୁଆ ମାଧ୍ୟମରେ ଅପସାରଣ କରି (ଟଳାଇ) ଦେଇଥାଆନ୍ତି । ସେହିପରି ମନୁଷ୍ୟକୁ ମଧ୍ୟ ସେ ଏହି ଚରିତ୍ର ଶିକ୍ଷା ପ୍ରଦାନ କରିଛନ୍ତି ଯେ, ସେ ପ୍ରଭୁଙ୍କ ନିକଟରେ କ୍ଷମାଯାଚନା ଓ ଦୁଆ କରି ବିପତ୍ତିକୁ ଅପସାରଣ କରିଦେଉ । ଯେପରିକି ପବିତ୍ର କୁରଆନ୍ କରୀମ୍ ଓ ହଦିସ୍‌ରୁ ଏହା ପ୍ରମାଣିତ ଯେ, ହ. ଆଏଶା ର.ଅଙ୍କ ସଂପର୍କରେ ଯେଉଁ କପଟବିଶ୍ୱାସୀମାନେ କେବଳ ଉପଦ୍ରବମୂଳକ, ଘଟଣା ବିପରୀତ ଲାଞ୍ଛନ ଆରୋପଣ କରିଥିଲେ ତାହାର ଚର୍ଚ୍ଚାରେ କେତେକ ସରଳ ସାହାବାମାନେ ମଧ୍ୟ କପଟବିଶ୍ୱାସୀଙ୍କର କଥାରେ ଆସି ସେମାନଙ୍କ ସହିତ ସାମିଲ୍ ହୋଇ ଯାଇଥିଲେ। ଜଣେ ସାହାବି ଏପରି ଥିଲେ ଯେ, ସେ ହ. ଅବୁ ବକ୍କର ର.ଅଙ୍କ ଘରୁ ଦୁଇ ଓଳି ରୁଟି ଭୋଜନ କରୁଥିଲେ । ହ. ଅବୁ ବକ୍କର ର.ଅ ଉକ୍ତ ସାହାବିଙ୍କ ଏହି ତ୍ରୁଟି ଯୋଗୁଁ ଏହି ଶପଥ ନେଇଥିଲେ ଓ ଚେତବନୀ ସ୍ୱରୂପ ଆପଣ ର.ଅ ଏହି ଅଙ୍ଗୀକାର କରିଥିଲେ ଯେ, ଆପଣ ସେହି ସାହାବିଙ୍କ ଏହି ଅକ୍ଷମଣୀୟ ଆଚରଣ ଯୋଗୁଁ ଶାସ୍ତି ସ୍ୱରୂପ ତାଙ୍କୁ କେବେ ରୁଟି ଖୁଆଇବେ ନାହିଁ । ଫଳତଃ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହି ଆୟତ୍ ଅବତୀର୍ଣ୍ଣ କଲେ, وَلْيَعْفُوْا وَلْيَصْفَحُوْا اَلَا تُحِبُّوْنَ اَنْ يَّغْفِرَ اللّٰهُ لَكُمْ وَاللّٰهُ غَفُوْرٌ رَّحِيْمٌ (ଅନ୍ ନୁର୍; 22) ଏବଂ ସେମାନଙ୍କୁ କ୍ଷମା କରିବା ଓ ମାର୍ଜନା କରିବା ଉଚିତ୍ । କ'ଣ ତୁମେମାନେ ଇଚ୍ଛା କରୁ ନାହଁ ଯେ, ଅଲ୍ଲାଃ ତୁମମମାନଙ୍କ ତ୍ରୁଟି ମାର୍ଜନା କରନ୍ତୁ ? ଏବଂ ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ। ଅତଏବ୍ ହ. ଅବୁ ବକ୍କର ର.ଅ ଉକ୍ତ ଆୟତ୍ ଅବତୀର୍ଣ୍ଣ ହେବା ପରେ ନିଜର ପ୍ରତିଜ୍ଞାକୁ ଭଙ୍ଗ କଲେ ଓ ପୂର୍ବବତ୍ ସେହି ସାହାବିଙ୍କ ରୁଟି ଜାରି କରିଦେଲେ ।"

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି କାରଣରୁ ଇସ୍‌ଲାମୀୟ ଶିଷ୍ଟାଚାରରେ ଉକ୍ତ କଥା ପ୍ରବିଷ୍ଟ ଯେ, ଯଦି ଚେତାବନୀ ସ୍ୱରୂପ କୌଣସି ପ୍ରତିଜ୍ଞା ନିଆଯାଏ ବା ଅଙ୍ଗୀକାର କରାଯାଏ ତେବେ ତାହାକୁ ଭଙ୍ଗ କରିବା ଉତ୍ତମ ଚରିତ୍ରବତ୍ତା ମଧ୍ୟରେ ପ୍ରବିଷ୍ଟ ବା ଅନ୍ତର୍ଭୁକ୍ତ ଅଟେ । ଉଦାହରଣ ସ୍ୱରୂପ ଯଦି କୌଣସି ବ୍ୟକ୍ତି ନିଜର ଚାକର ସଂପର୍କରେ ଏହି ଶପଥ (ରାଣ ଖାଇନିଏ) କରିନିଏ ଯେ, ମୁଁ ନିଜର ଚାକରକୁ ଅବଶ୍ୟ 50 ଥର ଜୋତାରେ ମାରିବି । ତେବେ ଉକ୍ତ ଚାକରର କ୍ଷମାଯାଚନା ଓ ଆକୁଳ ବିନୀତତା ପ୍ରଦର୍ଶନ କରିବା ଦ୍ୱାରା ମାଲିକ ଯଦି ନିଜର ସେବକ ଅର୍ଥାତ୍ ଚାକରକୁ କ୍ଷମା ପ୍ରଦାନ କରିଦିଏ ତେବେ ଏହା ଇସ୍‌ଲାମୀୟ ପରମ୍ପରା ଅଟେ । କାରଣ ମନୁଷ୍ୟର ଆଚରଣ ପ୍ରଭୁଙ୍କ ଆଚରଣ ପରି ହୋଇଯାଉ। କିନ୍ତୁ ପ୍ରତିଜ୍ଞାକୁ ଭଙ୍ଗ କରିବା କଦାପି ଉଚିତ୍ ନୁହଁ । ପ୍ରତିଜ୍ଞା ଭଙ୍ଗ କରିବା ଦ୍ୱାରା ମନୁଷ୍ୟକୁ ପ୍ରଶ୍ନ ପଚରାଯିବ । କିନ୍ତୁ ଚେତବୀନ ନିମନ୍ତେ ପ୍ରଶ୍ନ ପଚାରିଯିବ ନାହିଁ।" **(ଜମିମା ବରାହିନେ ଅହେମଦିୟା, ଭାଗ-5 ରୁହାନୀ ଖଜାଏନ୍, ଭାଗ-21, ପୃ-181)**

ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଫକ୍ ଘଟଣା ସଂପର୍କରେ ବୁଖାରୀରେ ବର୍ଣ୍ଣିତ ହଦିସ୍‌ର ପ୍ରକାଶରେ ବର୍ଣ୍ଣନା କରି ଉଲ୍ଲେଖ

କରନ୍ତି: "ଏହି ପ୍ରସଙ୍ଗରେ ଉକ୍ତ ବର୍ଣ୍ଣନାଟି ସମଗ୍ର ବର୍ଣ୍ଣନାମାନଙ୍କର ମଧ୍ଯରୁ ବିସ୍ତୃତ ଓ ସଂଶ୍ଳୀଷ୍ଟ ଅଟେ । ଯେଉଁ କଥା ଅନ୍ୟ ବର୍ଣ୍ଣନାକାରୀଙ୍କ ବର୍ଣ୍ଣନା ମଧ୍ଯରୁ ଭିନ୍ନ ଭିନ୍ନ ଖଣ୍ଡାଂଶ ଆକାରରେ ମିଳେ ତାହା ଉକ୍ତ ବର୍ଣ୍ଣନାରେ ଏକତ୍ର ଭାବରେ ଏକତ୍ରିତ କରି ଦିଆଯାଇଛି । ଏତଦ୍‌ଭିନ୍ନ ଉକ୍ତ ବର୍ଣ୍ଣନାରୁ ଆଁହଜରତ ସ.ଅଙ୍କ ଗୃହସ୍ଥ ଜୀବନ ଉପରେ ଏଭଳି ଦୃଷ୍ଟିମୂଳକ ଆଲୋକପାତ ହୁଏ ଯାହାକୁ କୌଣସି ଇତିହାସବିତ୍ ଅଣଦେଖା କରିପାରିବ ନାହିଁ । ସଠିକତା ଦୃଷ୍ଟିରୁ ମଧ୍ଯ ଉକ୍ତ ବର୍ଣ୍ଣନା ଏପରି ଉଚ୍ଚ ମର୍ଯ୍ୟାଦାରେ ଅବସ୍ଥିତ, ଯହିଁରେ କୌଣସି ସଂଶୟ ତଥା ସନ୍ଦେହର ଅବକାଶ ନାହିଁ। ବର୍ତ୍ତମାନ ଉକ୍ତ କଥାଟି ଚିନ୍ତାଜନକ ପ୍ରସଙ୍ଗ ଅଟେ ଯେ, ଏହି କିଭଳିକା ଭୟଙ୍କର ଉପଦ୍ରବ ଥିଲା ଯାହା କପଟ ବିଶ୍ୱାସୀମାନଙ୍କ ପକ୍ଷରୁ ସୃଷ୍ଟି କରାଯାଇଥିଲା । ତହିଁରେ କେବଳ ଜଣେ ସତୀ, ଅତ୍ୟନ୍ତ ଧର୍ମପରାୟଣ ମହିଳା ଓ ଧର୍ମ ନିଷ୍ଠ ମହିଳାର ସତୀତ୍ୱ ଉପରେ ଆକ୍ରମଣ କରିବା ଅଭିପ୍ରେତ ନଥିଲା ବରଂ ବୃହତ୍ ଅଭିପ୍ରାୟ ଇସ୍‌ଲାମ୍ ଧର୍ମର ସଂସ୍ଥାପକଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିବା ଏବଂ ଇସ୍‌ଲାମୀୟ ସମାଜ ଉପରେ ଏକ ଭୟଙ୍କର ଆଲୋଡ଼ନ ଓ ଭୂମିକମ୍ପ ସୃଷ୍ଟି କରିବା କପଟବିଶ୍ୱାସୀଙ୍କର କେବଳ ମୂଳ ଲକ୍ଷ୍ୟ ନଥିଲା । ବରଂ ସିଧା ସଳଖ ଭାବରେ ମହତ୍ ଅଭିପ୍ରାୟ ଏହା ରହିଥିଲା କି ଇସ୍‌ଲାମ୍ ଧର୍ମର ସଂସ୍ଥାପକଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିବା ଓ ଇସ୍‌ଲାମୀୟ ସମାଜ ଉପରେ ଏକ ଭୟଙ୍କର ଭୂମିକମ୍ପ ତଥା ଆଲୋଡନ ସୃଷ୍ଟି କରିବା । କପଟ ବିଶ୍ୱାସୀମାନେ ଉକ୍ତ ଅପବିତ୍ର ଏବଂ ହୀନ ଚକ୍ରାନ୍ତକୁ ଏହିପରି ସମ୍ପାଦନ କରିଥିଲେ ଯେ, କେତେକ ସରଳ କିନ୍ତୁ ସଚ୍ଚୋଟ ମୁସଲମାନମାନେ ମଧ୍ଯ ସେମାନଙ୍କ ଦ୍ୱାରା ପରିକଳ୍ପିତ ଚକ୍ରବ୍ୟୁହରେ ଫସି ପଥଚ୍ୟୁତ ହେଲେ । ଅର୍ଥାତ୍ ମୁସଲମାନମାନେ କପଟ ବିଶ୍ୱାସୀଙ୍କ ଜାଲରେ ଫସିଗଲେ । ସେହି ଲୋକମାନଙ୍କ ମଧ୍ଯରେ ହସ୍ସାନ୍ ବିନ୍ ସାବିତ୍‌ଙ୍କ ପରି କବି, ହମ୍‌ନା ବିନ୍‌ତ୍ ଜହଶ୍, ତାଙ୍କର ଭଉଣୀ ଜୈନବ୍ ବିନ୍‌ତ୍ ଜହଶ୍ ଓ ମିସ୍ତାହ୍ ବିନ୍ ଉସାସାହ୍‌ଙ୍କ ପରି ନାମ ବିଶେଷ ରୂପେ ଉଲ୍ଲେଖଯୋଗ୍ୟ । କିନ୍ତୁ ହ. ଆଏଶା ର.ଅଙ୍କ ଉତ୍ତମ ଚରିତ୍ରବତ୍ତା ଏହା ଥିଲା ଯେ, ଆପଣ ର.ଅ ଏହି ସମସ୍ତ ଲାଞ୍ଛନକାରୀଙ୍କୁ କ୍ଷମା କରି ଦେଇଥିଲେ । ସେମାନଙ୍କ ପକ୍ଷରୁ ନିଜ ମନରେ କୌଣସି ଦ୍ୱେଷାଭାବ ଆଉ ପୋଷଣ କଲେ ନାହିଁ । ସୁତରାଂ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଏହି ଘଟଣା ପରେ ଯେତେବେଳେ ବି ହସ୍ସାନ୍ ବିନ୍ ସାବିତ୍ ହ. ଆଏଶା ର.ଅଙ୍କୁ ସାକ୍ଷାତ୍ କରିବାକୁ ଆସୁଥିଲେ ସେତେବେଳେ ସେ ଅତ୍ୟନ୍ତ ସ୍ମିତହାସ୍ୟତାର ସହିତ ତାଙ୍କୁ ସାକ୍ଷାତ୍ କରୁଥିଲେ । ଏକଦା ସେ ଅର୍ଥାତ୍ ହସ୍ସାନ୍ ବିନ୍ ସାବିତ୍ ଯେତେବେଳେ ହ. ଆଏଶା ର.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ସେଠାରେ ମସ୍ରୁକ ନାମକ ଜଣେ ମୁସଲମାନ ବ୍ୟକ୍ତି ଉପସ୍ଥିତ ଥିଲେ। ମସ୍ରୁକ୍ ଆଶ୍ଚର୍ଯ୍ୟ ଚକିତ୍ ହୋଇ କହିଲେ, ହେଁ ହେ ଆଏଶା ! ଆପଣ ହସ୍ସାନଙ୍କୁ ନିଜ ସେବାରେ ଉପସ୍ଥିତ ହେବା ନିମନ୍ତେ ଅନୁମତି ପ୍ରଦାନ କରୁଛନ୍ତି ! ହ. ଆଏଶା ର.ଅ ଉତ୍ତର ଦେଲେ, ହେ ମସ୍ରୁକ୍! ଛାଡ଼ ସେ କଥା ନିରୀହଟା ଚକ୍ଷୁ ରୋଗରେ ପିଡ଼ୀତ ହୋଇଯାଇଛି । ଏହା କ'ଣ କମ କଷ୍ଟ ଅଟେ । ହସ୍ସାନ୍‌ଙ୍କୁ ଚକ୍ଷୁ ରୋଗ ହୋଇଯାଇଥିଲା । ହ. ଆଏଶା ର.ଅ ପୁନଶ୍ଚ କୁହନ୍ତି "ମୁଁ ଉକ୍ତ କଥାକୁ ଭୁଲି ପାରିବି ନାହିଁ ଯେ, ହସ୍ସାନ୍ ଆଁହଜରତ ସ.ଅଙ୍କ ସମର୍ଥନରେ ଓ ଅବିଶ୍ୱାସକାରୀଙ୍କ ବିରୁଦ୍ଧରେ କବିତା କହୁଥିଲେ ।"

ସୁତରାଂ ହସ୍ସାନ୍‌ଙ୍କୁ ଅନୁମତି ପ୍ରଦାନ କରାଗଲା ଓ ସେ ଭିତରକୁ ଆସି ବସି ପଡ଼ିଲେ । ଏହାପରେ ସେ ହ. ଆଏଶା ର.ଅଙ୍କ ପ୍ରଶଂସାରେ ଏକ କବିତା କହିଲେ,

حَصَانٌ رَزَانٌ مَا تُزَنُّ بِرِيبَةٍ
وَتُصْبِحُ غَرْثَىٰ مِنْ لُحُومِ الْغَوَافِلِ

ସେ ଏକ (ଅର୍ଥାତ୍ ହ. ଆଏଶା ର.ଅ) ସତୀ ଓ ପବିତ୍ରବାନ ମହିଳା ଅଟନ୍ତି ଏବଂ ବୁଦ୍ଧିମତୀ ଏବଂ ବିଦ୍ୱାନ୍ ମହିଳା ଅଟନ୍ତି । ତାଙ୍କର ମର୍ଯ୍ୟାଦା ସଂଶୟ ଓ ସନ୍ଦେହ ସ୍ଥାନରୁ ଉର୍ଦ୍ଧ୍ୱରେ ରହିଛି । ସେ ନିର୍ଦ୍ଦୋଷ, ନିଷ୍ପାପ ମହିଳାମାନଙ୍କର ମାଂସ ଭକ୍ଷଣ କରନ୍ତି ନାହିଁ । ଅର୍ଥାତ୍ ସେମାନଙ୍କ ଉପରେ ଲାଞ୍ଛନ ଆରୋପଣ କରନ୍ତି ନାହିଁ ଓ ନା ହିଁ ସେ ସେମାନଙ୍କର ଚୁଗୁଲି (ସେମାନଙ୍କଅ ଅନୁପସ୍ଥିତିରେ ସେମାନଙ୍କର ଭଲ ମନ୍ଦର ଚର୍ଚ୍ଚା) କରନ୍ତି ।

ହ. ଆଏଶା ର.ଅ ଯେତେବେଳେ ଉକ୍ତ କବିତା ଶୁଣିଲେ ସେତେବେଳେ ସେତେବେଳେ ଆପଣ ର.ଅ କହିଲେ, وَلٰكِنْ اَنْتَ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ,لَسْتَ كَذٰلِكَ ଅର୍ଥାତ୍ ତୁମ ନିଜ ଅବସ୍ଥା କିପରି ରହିଛି ? ତୁମେ ଉକ୍ତ ବିଶେଷ ଲକ୍ଷଣର ଅଧିକାରୀ ହୋଇପାରିଲ ନାହିଁ । ଅର୍ଥାତ୍ ତୁମେ ତ' ମୋ ଭଳି ଜଣେ ନିର୍ଦ୍ଦୋଷ ମହିଳା ବିରୁଦ୍ଧରେ ଦୋଷାରୋପଣ କରିବାରେ କରିବାରେ କପଟବିଶ୍ୱାସୀଙ୍କ ସହିତ ସାମିଲ ହୋଇଥିଲ । ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରନ୍ତି ଯେ, ମିଓର୍ ସାହେବ ଜଣେ ପ୍ରାଚ୍ୟତତ୍ତ୍ୱବିତ୍ ବ୍ୟକ୍ତି ଅଟନ୍ତି। ସେ ଉକ୍ତ ଘଟଣାର ପ୍ରାମାଣ୍ୟ ଦେଇ ଉଲ୍ଲେଖ କରିଛନ୍ତି । ମିଓର୍ ସାହେବ ଆରବୀ ଭାଷାଜ୍ଞାନ କିମ୍ବା ବିଦ୍ୱେଷର ଉଦାହରଣ ପାଠକମାନେ ଟିକେ ଅବଲୋକନ କରନ୍ତୁ ଯେ, "ଉକ୍ତ କବିତାର ସଂପୂର୍ଣ୍ଣ ରୂପେ ବିପରୀତ ନିୟମ ଆରବୀ ଭାଷାରେ ଉଲ୍ଲେଖ କରନ୍ତି ଯେ, ହସ୍ସାନ ବିନ୍ ସାବିତ୍ ହ. ଆଏଶା ର.ଅଙ୍କ ଦୁର୍ବଳ ଶରୀରର ପ୍ରଶଂସା କରିଥିଲେ । ପ୍ରତ୍ୟୁତ୍ତରରେ ହ. ଆଏଶା ର.ଅ ଚଞ୍ଚଳତାପୂର୍ବକ ହସ୍ସାନ୍‌ଙ୍କ ସ୍ଥୂଳତ୍ୱତା ପ୍ରତି ବ୍ୟଙ୍ଗ ବିଦ୍ରୂପ କରିଛନ୍ତି ।"

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, "ମିଓର୍ ସାହେବ ଉକ୍ତ ଘଟଣାକୁ ବର୍ଣ୍ଣନା କରିବାରେ ଆହୁରି ସ୍ପଷ୍ଟ ତ୍ରୁଟି ପ୍ରଦର୍ଶନ କରିଛନ୍ତି । ଉଦାହରଣ ସ୍ୱରୂପ ମିଓର୍ ସାହେବ ଉଲ୍ଲେଖ କରନ୍ତି ଯେ, ସଫ୍‌ୱାନ୍ ର.ଅ ଓ ଆଏଶା ର.ଅଙ୍କ ମାର୍ଗରେ ସୈନ୍ୟବାହିନୀ ପର୍ଯ୍ୟନ୍ତ ପହଞ୍ଚି ପାରିଲେ ନାହିଁ । ପୁନଶ୍ଚ ପରବର୍ତ୍ତୀ ସମୟରେ ସିଧା ସଳଖ ଭାବରେ ମଦିନାରେ ପ୍ରବେଶ କଲେ । କିନ୍ତୁ ଉକ୍ତ କଥାଟି ସଂପୂର୍ଣ୍ଣ ରୂପେ ଭୁଲ୍ ଓ ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଅଟେ । କାରଣ ହଦିସ୍ ଓ ଇତିହାସରୁ ଏକମତ ରୂପେ ପ୍ରମାଣିତ ଯେ, ସଫ୍‌ୱାନ୍ ଓ ହ. ଆଏଶା ର.ଅ କିଛି ଘଣ୍ଟା ପରେ ମାର୍ଗରେ ହିଁ ଇସ୍‌ଲାମୀୟ ସୈନ୍ୟବାହିନୀ ସହିତ ସାମିଲ୍ ହୋଇଗଲେ ।" ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, "କିନ୍ତୁ ଭଲ କଥା ଏହିକି ଯେ, ପ୍ରକୃତ ଲାଞ୍ଛନା ସଂପର୍କରେ ମିଓର୍ ସାହେବ ହ. ଆଏଶା ର.ଅଙ୍କ ନିରୀହତାର ପ୍ରଶଂସା କରିଛନ୍ତି । ସୁତରାଂ ସେ ଉଲ୍ଲେଖ କରନ୍ତି, ଆଏଶା ର.ଅଙ୍କ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଜୀବନ ସଂପର୍କରେ କହିଛନ୍ତି ଯେ, ସେ ଅର୍ଥାତ୍ ହ. ଆଏଶା ର.ଅ ଉକ୍ତ ଲାଞ୍ଛନରୁ ଦୋଷମୁକ୍ତ ଥିଲେ । ବୌଦ୍ଧିକ ଓ ଲିଖିତ ଦୃଷ୍ଟିରୁ ଉକ୍ତ ଲାଞ୍ଛନା ସଂପୂର୍ଣ୍ଣ ରୂପେ ତ୍ରୁଟିପୂର୍ଣ୍ଣ ଓ ମିଥ୍ୟା ବୋଲି ବିବେଚିତ ହୁଏ । କାରଣ ଉକ୍ତ ସମ୍ମତିମୂଳକ ଘଟଣା ବ୍ୟତୀତ ହ. ଆଏଶା ର.ଅ ଇସ୍‌ଲାମୀୟ ସୈନ୍ୟବାହୀନୀ ପଛରେ ରହିଯାଇଥିଲେ । ପୁନଶ୍ଚ ପରବର୍ତ୍ତୀ ସମୟରେ ସଫ୍‌ୱାନ ସହିତ ପରବର୍ତ୍ତୀ ସମୟରେ ପହଞ୍ଚିଥିଲେ । ଲାଞ୍ଛନ ପ୍ରୟୋଗକାରୀମାନଙ୍କ ହସ୍ତରେ କଦାପି କୌଣସି କଥା ନଥିଲା । ଅର୍ଥାତ୍ ନା କୌଣସି ସାକ୍ଷ୍ୟ ରହିଥିଲା ଓ ନାହିଁ ଅନ୍ୟ କୌଣସି ପ୍ରମାଣ ଥିଲା । ତେଣୁ ଉକ୍ତ କଥା ପ୍ରକାଶ୍ୟ ଯେ, ଯେପର୍ଯ୍ୟନ୍ତ କୌଣସି ଦୋଷ ଦୋଷ ବୋଲି ସାବ୍ୟସ୍ତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତାହାକୁ ସତ୍ୟ ବୋଲି ସ୍ୱୀକାର କରାଯାଇ ପାରିବ ନାହିଁ । ବିଶେଷ କରି ଏପରି ଲୋକମାନଙ୍କ କ୍ଷେତ୍ରରେ ଯେଉଁମାନଙ୍କର ଜୀବନ ସେମାନଙ୍କର ପବିତ୍ରାତ୍ମା ହେବା ସଂପର୍କରେ ସାକ୍ଷୀ ଅଟେ। କିନ୍ତୁ ମୁସଲମାନମାନେ ଅତିରିକ୍ତ ସନ୍ତୁଷ୍ଟି ନିମନ୍ତେ ଓ ଉକ୍ତ ଉଦ୍ଦେଶ୍ୟକୁ ଭିତ୍ତି କରି ଆସନ୍ତା ପାଇଁ ଏପରି ପ୍ରସଙ୍ଗରେ ଏକ ନିୟମଭିତ୍ତକ ନିୟମ ଧାର୍ଯ୍ୟ କଲେ । ସୁତରାଂ ଐଶୀବାଣୀ ଅବତୀର୍ଣ୍ଣ ହେଲା । ଉକ୍ତ ଐଶୀବାଣୀ କେବଳ ସମସ୍ତ ଲାଞ୍ଛନକୁ ସଂପୂର୍ଣ୍ଣ ରୂପେ ମିଥ୍ୟା ବୋଲି ପ୍ରାମଣିତ କରିଦେଇ ନଥିଲା ଓ ହ. ଆଏଶା ର.ଅଙ୍କ ଏବଂ ହ. ସଫ୍‌ୱାନ ବିନ୍ ମୁଅତ୍ତଲ୍‌ଙ୍କ ଦୋଷମୁକ୍ତ ପ୍ରକାଶ କରି ନଥିଲା । ବରଂ ଭବିଷ୍ୟତ ପାଇଁ ଏହି ଧରଣର ଘଟଣାବଳୀ ସଂକ୍ରାନ୍ତରେ ଏପରି ଏକ ନିୟମଭିତ୍ତିକ ବା ଆଧାରଭୂତ ଆଇନ ସଂସାର ସମ୍ମୁଖରେ ଉପସ୍ଥାପିତ କଲେ । ଉକ୍ତ ଆଇନ୍ ଉପରେ ଲୋକମାନଙ୍କର ସମ୍ମାନ ତଥା ମର୍ଯ୍ୟାଦା ଓ ସାମାଜିକ ଶାନ୍ତି ଶୃଙ୍ଖଳା ଏବଂ ଧର୍ମର ଚାରିତ୍ରିକ ସୁରକ୍ଷା ଅନେକାଂଶରେ ନିର୍ଭରଶୀଳ ଅଟେ ।"

**(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ପୃ-567-568)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ହ. ଆଏଶା ର.ଅଙ୍କ ଉପରେ ମିଥ୍ୟା ଲାଞ୍ଛନ ଆରୋପଣ କରାଯାଇଥିଲା ସେହି ଲାଞ୍ଛନର କାରଣର ଚର୍ଚ୍ଚା କରି କୁହନ୍ତି: "ଆମମାନଙ୍କୁ ଏହା ଦେଖାବି ଉଚିତ୍ ଯେ, ହ. ଆଏଶା ର.ଅଙ୍କ ଉପରେ ଯେଉଁ ଲାଞ୍ଛନ ଆରୋପଣ କରାଯାଇଥିଲା ତାହାର ପ୍ରକୃତ ଅଭିପ୍ରାୟ କ'ଣ ଥିଲା ? ଏହାର କାରଣ ଏହା ହୋଇପାରିବ ନାହିଁ ଯେ, ସେହି ଲୋକମାନଙ୍କର ହ. ଆଏଶା ର.ଅଙ୍କ ସହିତ କୌଣସି (ବ୍ୟକ୍ତିଗତ) ଶତ୍ରୁତା ରହିଥିଲା । ଜଣେ ଘରେ ରହୁଥିବା ଗୃହିଣୀ ଯାହାର ସଂପର୍କ ନା ରାଜନୀତି ସହିତ ଥିଲା, ନା ନ୍ୟାୟ ନିଷ୍ପତ୍ତି ସହିତ ସଂପର୍କ ରହିଥିଲା, ତାଙ୍କ ମନରେ ନା ପଦର ଲାଳସା ରହିଥିଲା ଓ ନା ପଦ ସହିତ କୌଣସି ସଂପର୍କ ରହିଥିଲା, ନା ହ.ଆଏଶା ର.ଅଙ୍କର ଧନ ବଣ୍ଟନ ସହିତ ଆପଣ ର.ଅଙ୍କ ସଂପର୍କ ରହିଥିଲା, ନା କଳହ ସହିତ ଆପଣ ର.ଅଙ୍କ ସଂପର୍କ ଥିଲା, ନା ଯୁଦ୍ଧ ସହିତ ଆପଣ ର.ଅଙ୍କ କୌଣସି ସଂପର୍କ ଥିଲା, ନା ହିଁ ବିରୋଧୀ ଜାତି ଉପରେ ଆକ୍ରମଣ କରିବାର ଆପଣ ର.ଅଙ୍କ କୌଣସି ସଂପର୍କ ଥିଲା, ନା ହିଁ ଅର୍ଥନୀତି ସହିତ ଆପଣ ର.ଅଙ୍କ କୌଣସି ସଂପର୍କ ଥିଲା । ଏହି ସମସ୍ତ ପ୍ରସଙ୍ଗ ସହିତ ଆଏଶା ର.ଅଙ୍କର କୌଣସି ସଂପର୍କ ନଥିଲା ତେଣୁ ତାଙ୍କ ସହିତ କିଏ ବା ବୈରାଗ୍ୟ ପ୍ରଦର୍ଶନ କରିପାରି

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଥାଆନ୍ତା। ତେଣୁ ହ. ଆଏଶା ର.ଅଙ୍କ ସହିତ ସିଧା ସଳଖ ବିରାଗ୍ୟ ଓ ବିଦ୍ୱେଷାଭାବ ପ୍ରଦର୍ଶନ କରିବାର କୌଣସି ଯଥାର୍ଥତା ନଥିଲା । ଉକ୍ତ ଦୋଷାରୋପଣ ସଂପର୍କରେ କେବଳ ଦୁଇଟି ସ୍ଥିତି ହୋଇପାରିବ, 1- **ନାଉଜୁବିଲ୍ଲାଃ** (ପ୍ରଭୁଙ୍କ ଶରଣ ଭିକ୍ଷା କୁରଛୁ) ଉକ୍ତ ଲାଞ୍ଛନ ସତ୍ୟ ହୋଇଥିବ । ଯାହାକୁ କୌଣସି ବିଶ୍ୱାସକାରୀ ମୁହୂର୍ତ୍ତକ ପାଇଁ ମଧ୍ୟ ସ୍ୱୀକାର କରିପିରାବି ନାହିଁ । ବିଶେଷ କରି ସେହି ସ୍ଥିତିରେ ଯେତେବେଳେ ଅଲ୍ଲାଃତାଲା ଆକାଶଲୋକରେ ଉକ୍ତ କୁଚିନ୍ତାଧାରାକୁ ଖଣ୍ଡନ କରି ଦେଇଛନ୍ତି । 2- ଦ୍ୱିତୀୟ ସ୍ଥିତି ଏହା ହୋଇପାରିବ ଯେ, ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନର କେତେକ ଅସ୍ତିତ୍ୱଙ୍କୁ କ୍ଷତି ପହଞ୍ଚାଇବା ନିମନ୍ତେ ଉକ୍ତ ଲାଞ୍ଛନ ଆରୋପଣ କରାଯାଇଥାଇ ପାରେ । ବର୍ତ୍ତମାନ ଆମମାନଙ୍କୁ ବିଚାର କରିବା ଉଚିତ୍ ଯେ, ସେମାନେ କେଉଁ ଲୋକ ଥିଲେ ଯେଉଁମାନଙ୍କୁ ବଦନାମ୍ କରିବା କପଟବିଶ୍ୱାସୀଙ୍କ ପାଇଁ କିମ୍ବା ସେମାନଙ୍କ ଅଧିପତିମାନଙ୍କ ନିମନ୍ତେ ଲାଭାଦାୟକ ସାବ୍ୟସ୍ତ ହୋଇାପାରି ଥାଆନ୍ତା । ସେହିପରି କେଉଁ କେଉଁ ଲୋକମାନଙ୍କ ସହିତ ଏହି ଲାଞ୍ଛନ ମାଧ୍ୟମରେ କପଟବିଶ୍ୱାସୀମାନେ ନିଜର ଶତ୍ରୁତା ବାହାର କରିପାରି ଥାଆନ୍ତେ । ଏକ ହୀନ ପ୍ରୟାସରୁ ମଧ୍ୟ ଏହା ଜ୍ଞାତ ହୋଇପାରିବ । " ଅର୍ଥାତ୍ ହ. ଆଏଶା ର.ଅଙ୍କ ଉପରେ ଆରୋପଣ କରାଯାଇଥିବା ଲାଞ୍ଛନ ଦୁଇଟି ଲୋକଙ୍କ ସହିତ ଶତ୍ରୁତା ପ୍ରଦର୍ଶନ କରାଯାଇପାରି ଥାଆନ୍ତା । 1- ରସୁଲ୍ କରୀମ୍ ସ.ଅଙ୍କ ସହିତ ଓ 2- ହ. ଅବୁ ବକ୍କର ର.ଅଙ୍କ ସହିତ । କାରଣ ହ. ଆଏଶା ର.ଅ ଜଣେ ପତ୍ନି ଥିଲେ ଓ ଜଣେ ପିତାଶ୍ରୀଙ୍କ ସୁପୁତ୍ରୀ ଥିଲେ । ଉପରୋକ୍ତ ଅସ୍ତିତ୍ୱ ଦ୍ୱୟ ଏପରି ଥିଲେ ଯେ, ସେମାନନଙ୍କ ଦୁର୍ନାମ ରାଜନୈତିକ ଦୃଷ୍ଟିରୁ କିମ୍ବା ଶତ୍ରୁତା ଦୃଷ୍ଟିରୁ କେତେକ ଲୋକମାନଙ୍କ ପାଇଁ ଲାଭାଦାୟକ ସାବ୍ୟସ୍ତ ହୋଇପାରି ଥାଆନ୍ତା ଅବା କେତେକ ଲୋକମାନଙ୍କର ଉଦ୍ଦେଶ୍ୟ ସମ୍ମାନସ୍ପଦ ଅସ୍ତିତ୍ୱଙ୍କୁ ବଦ୍‌ନାମ କରିବା ସହିତ ସଂଶ୍ଳୀଷ ଥିଲା । ଅନ୍ୟଥା ସ୍ୱୟଂ ହ. ଆଏଶା ର.ଅଙ୍କ ଅପଖ୍ୟାତି ହେବା ଦ୍ୱାରା କୌଣସି ବ୍ୟକ୍ତିଙ୍କୁ କିଛି ଅସୁବିଧା ହୋଇ ନଥାଆନ୍ତା । ଅଧିକରୁ ଅଧିକ ଏତିକି ହୋଇଥାଆନ୍ତା ଯେ, ହ. ଆଏଶା ର.ଅଙ୍କ ସହିତ ତାଙ୍କର ସପତଣୀମାନେ (ସଉତୁଣୀ)ମାନଙ୍କୁ ସମସ୍ୟା ହୋଇପାରି ଥାଆନ୍ତା । ଉକ୍ତ ଚିନ୍ତାଧାର ହୋଇପାରି ଥାଆନ୍ତି ଯେ, ସମ୍ଭବତଃ ହ. ଆଏଶା ର.ଅଙ୍କ ସପତଣୀମାନେ ହ. ଆଏଶା ର.ଅଙ୍କୁ ରସୁଲ୍ କରୀମ୍ ସ.ଅଙ୍କ ଦୃଷ୍ଟିରୁ ତଳେ ପକାଇବା ଏବଂ ନିଜେ ସୁନାମ ଅର୍ଜନ କରିବାକୁ ଅଭିଳାଷୀ ହେବା ନିମନ୍ତେ ଉକ୍ତ ପ୍ରସଙ୍ଗରେ କିଛି ଅଂଶ ଗ୍ରହଣ କରିଥିବେ। କିନ୍ତୁ ଇତିହାସ ଉକ୍ତ କଥାର ସାକ୍ଷ୍ୟ ଯେ, ହ. ଆଏଶା ର.ଅଙ୍କ ସଉତୁଣୀମାନେ ଏହି ପ୍ରସଙ୍ଗରେ ସାମିଲ୍ ହୋଇ ନଥିଲେ । ବରଂ ହ. ଆଏଶା ର.ଅଙ୍କ ନିଜସ୍ୱ କଥନ ଏହିକି ଯେ, "ରସୁଲ୍ କରୀମ୍ ସ.ଅ.ଙ୍କ ପତ୍ନିମାନଙ୍କ ମଧ୍ୟରୁ ଯେଉଁ ପତ୍ନିକୁ ମୁଁ ନିଜର ପ୍ରତିଦ୍ୱନ୍ଦୀ ବା ଶତ୍ରୁ ବୋଲି ବିଚାର କରୁଥିଲି ସେ ହ. ଜୈନବ୍ ବିନତ୍ ଜହଶ୍ ର.ଅ ଥିଲେ । ତାଙ୍କ ବ୍ୟତୀତ ଆଉ କୌଣଶି ପତ୍ନିଙ୍କୁ ମୁଁ ନିଜର ପ୍ରତିଦ୍ୱନ୍ଦୀ ମନେକରୁ ନଥିଲି । କାରଣ ସେ ହିଁ ଅଧିକ କଥା କହୁଥିଲେ । କିନ୍ତୁ ହ. ଆଏଶା ର.ଅ କହୁଥିଲେ ଯେ, ମୁଁ ଜୈନବ୍ ର.ଅଙ୍କ ଉକ୍ତ ଉପକାରକୁ ମଧ୍ୟ କେବେ ପାସୋରି (ଭୁଲି) ପାରିବି ନାହିଁ ଯେ, ମୋ ଉପରେ ଯେତେବେଳେ ଦୋଷାରୋପଣ କରାଗଲା ସେତେବେଳେ ସର୍ବାଧିକ ଭାବରେ ଯିଏ ଉକ୍ତ ଲାଞ୍ଛନକୁ ଖଣ୍ଡନ କରିଥିଲେ ସେ ହେଉଛନ୍ତି ହ. ଜୈବନ୍ ବିନ୍ତ୍ ଜହଶ୍ ର.ଅ ।"

**(ଅସ୍ ସିରତୁଲ୍ ହଲବିୟାହ୍, ଗଜ୍‌ୱତା ବନି ଅଲ୍ ମୁସ୍ତଲିକ୍)**

ଅତଏବ୍ ହ. ଆଏଶା ର.ଅଙ୍କ ସହିତ ଯଦି କୌଣସି ବ୍ୟକ୍ତିଙ୍କୁ ଶତ୍ରୁତା ଓ ସମସ୍ୟା ହୋଇଥାଆନ୍ତା ତେବେ ସେମାନେ ହେଉଛନ୍ତି ହ. ଆଏଶା ର.ଅଙ୍କ ସପତଣୀମାନେ। ସେମାନେ ଯଦି ଚାହିଁ ଥାଆନ୍ତେ ତେବେ ସେମାନେ ତହିଁରେ (ଲାଞ୍ଛନ ପ୍ରୟୋଗ କରିବାରେ) ଅଂଶଗ୍ରହଣ କରିପାରି ଥାଆନ୍ତେ । କାରଣ ହ. ଆଏଶା ର.ଅ ଆଁହଜରତ ସ.ଅଙ୍କ ଦୃଷ୍ଟିରୁ ତଳକୁ ଖସି ଯାଆନ୍ତୁ ଓ ସେମାନଙ୍କର ଅର୍ଥାତ୍ ସପତଣୀମାନଙ୍କର ସମ୍ମାନ ବୃଦ୍ଧି ପାଉ । ଅର୍ଥାତ୍ ଅନ୍ୟ ପତ୍ନିମାନଙ୍କର ସମ୍ମାନ ବୃଦ୍ଧି ପାଉ । "କିନ୍ତୁ ଇତିହାସରୁ ଏହା ପ୍ରମାଣିତ ଯେ, ସେମାନେ ଉକ୍ତ ପ୍ରସଙ୍ଗରେ କୌଣସି ହସ୍ତକ୍ଷେପ କଲେ ନାହିଁ । ଯଦି କୌଣସି ପତ୍ନିଙ୍କୁ ପଚରାଗଲା ଅର୍ଥାତ୍ ସେହି ସପତଣୀମାନଙ୍କ ମଧ୍ୟରୁ କିମ୍ବା ଅନ୍ୟ ପତ୍ନୀମାନଙ୍କ ମଧ୍ୟରୁ ଯଦି କୌଣସି ପତ୍ନିଙ୍କୁ ପଚରା ବି ଗଲା ତେବେ ସେହି ପତ୍ନିମାନେ ହ. ଆଏଶା ର.ଅଙ୍କ ପ୍ରଶଂସା କଲେ । ଅର୍ଥାତ୍ ପୁରୁଷମାନଙ୍କର ମହିଳାମାନଙ୍କ ସହିତ ଶତ୍ରୁତାର କୌଣସି ଯଥାର୍ଥତା ନଥିଲା। ଅତଏବ୍ ଆପଣ ର.ଅଙ୍କ ଉପରେ ଆରୋପ ସମ୍ଭବତଃ ଆଁହଜରତ ସ.ଅଙ୍କ ପ୍ରତି ଥିବା ବିଦ୍ୱେଷାଭାବ ଓ ବୈରାଗ୍ୟଭାବ ଯୋଗୁଁ ହିଁ ହୋଇଥାଇ ପାରେ କିମ୍ବା ସତ୍ୟବାଦୀ ହ. ଅବୁ ବକ୍କର ର.ଅଙ୍କ ସହିତ ବିଦ୍ୱେଷାଭାବ ବା ବୈରାଗ୍ୟଭାବ ଯୋଗୁଁ ଏପରି ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିଲା । ରସୁଲ୍ କରୀମ୍ ସ.ଅଙ୍କୁ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ତାହା ଆରୋପକାରୀ କୌଣସି ମତେ ଛିନ୍ନ କରିପାରୁ ନଥିଲେ । ସେମାନେ ଯେଉଁ କଥାକୁ ଭୟ କରୁଥିଲେ ଯେ, ରସୁଲ୍ କରୀମ୍ ସ.ଅଙ୍କ ପରେ ମଧ୍ୟ ସେମାନେ ଯେପରି ନିଜର ଅଭିପ୍ରାୟ ଏବଂ ଅଭିଳାଷାକୁ ଚରିତାର୍ଥ କରିବାରୁ ବଞ୍ଚିତ ହୋଇ ନଯାଆନ୍ତୁ । ସେମାନେ ଦେଖୁଥିଲେ ଯେ, ଆପଣ ସ.ଅଙ୍କ ପରେ ଖଲିଫା ହେବା ନିମନ୍ତେ ଯଦି କୌଣସି ବ୍ୟକ୍ତି ଯୋଗ୍ୟ ବିବେଚିତ ହୁଏ ତେବେ ସେ ହେଉଛନ୍ତି ହ. ଅବୁ ବକ୍କର ର.ଅ ସୁତରାଂ ଉକ୍ତ ବିପଦକୁ ଆଭାସ କରି ସେମାନେ ଅର୍ଥାତ୍ ଶତ୍ରୁମାନେ ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଲଗାଇ ଦେଲେ। କାରଣ ହ. ଆଏଶା ର.ଅ ଆଁହଜରତ ସ.ଅଙ୍କ ଦୃଷ୍ଟିରୁ ତଳକୁ ଖସି ଯାଆନ୍ତୁ । ହ. ଆଏଶା ର.ଅଙ୍କ ଆଁହଜରତ ସ.ଅଙ୍କ ଚକ୍ଷୁରୁ ତଳକୁ ଖସିଯିବା ହେତୁ ହ. ଅବୁ ବକ୍କର ର.ଅଙ୍କୁ ମୁସଲମାନମମାନଙ୍କ ମଧ୍ୟରେ ଯେଉଁ ମର୍ଯ୍ୟାଦା ଓ ଯଶ ପ୍ରାପ୍ତ ହୋଇଥିଲା ତାହା ମଧ୍ୟ କ୍ଷୁର୍ଣ୍ଣ ହୋଇଯିବ । ଯଦ୍ୱାରିକି ମୁସଲମାନମାନେ କୁଧାରଣାର ଶିକାର ହୋଇ ଉକ୍ତ ଆସ୍ଥାକୁ ପରିତ୍ୟାଗ କରିଦେବେ ଅର୍ଥାତ୍ ମୁସଲମାନମାନେ ହ. ଅବୁ ବକ୍କର ର.ଅଙ୍କ ଠାରୁ ଯେଉଁ ଆସ୍ଥା ଓ ଅଭିଳାଷାର ଆଶା କରିଥିଲେ ସେହି ଆସ୍ଥାକୁ ମୁସଲମାନମାନେ ପରିତ୍ୟାଗ କରିଦେବେ । ଏହିପରି ଭାବରେ ରସୁଲ୍ କରୀମ୍ ସ.ଅଙ୍କ ପରେ ହ. ଅବୁ ବକ୍କର ର.ଅ ଖଲିଫା ହେବାର ଦ୍ୱାର ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ । ଏହି କାରଣ ଥିଲା ଯେ, ଅଲ୍ଲାଃତାଲା ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଲାଗିବାର ଘଟଣା ପରେ ଖିଲାଫତ୍‌ର ମଧ୍ୟ ଚର୍ଚ୍ଚା ପବିତ୍ର କୁରଆନ୍ କରୀମ୍‌ର ସୁରାଃ ନୁର୍‌ରେ କରିଦେଲେ ।"

ହଦିସ୍‌ମାନଙ୍କରେ ମଧ୍ୟ ସ୍ପଷ୍ଟ ରୂପେ ଏହି ଚର୍ଚ୍ଚା ମିଳେ ଯେ, ସାହାବାମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରୁଥିଲେ ଏବଂ କହୁଥିଲେ ଯେ, ରସୁଲ୍ କରୀମ୍ ସ.ଅଙ୍କ ପରେ ଯଦି କୌଣସି ବ୍ୟକ୍ତିର ସର୍ବୋଚ୍ଚ ମର୍ଯ୍ୟାଦା ରିହଛି ତେବେ ସେହି ବ୍ୟକ୍ତି ହେଉଛନ୍ତି ହ. ଅବୁ ବକ୍କର ର.ଅ । **(ଅବୁ ଦାଉଦ୍ କିତାବୁସ୍ ସନାହ୍ ଫିତ୍ ତଫସିଲି)**

ହଦିସ୍‌ମାନଙ୍କରେ ଉଲ୍ଲେଖ ରହିଛି ଯେ, ଏକଦା ରସୁଲ୍ କରୀମ୍ ସ.ଅ ହ. ଆଏଶା ର.ଅଙ୍କୁ କହିଲେ, ମୁଁ ଚାହୁଁଥିଲି ଯେ, ହ. ଅବୁ ବକ୍କର ର.ଅଙ୍କୁ ନିଜ ପରେ ନାମାଙ୍କିତ କରିବି । କିନ୍ତୁ ମୁଁ ଜାଣେ ଯେ, ଅଲ୍ଲାଃତାଲା ଓ ବିଶ୍ୱାସକାରୀମାନେ ହ. ଅବୁ ବକ୍କର ର.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉପରେ ପ୍ରସନ୍ନ ହେବେ ନାହିଁ । ଅର୍ଥାତ୍ ସହମତି ପ୍ରକାଶ କରିବେ ନାହିଁ । ସୁତରାଂ ଆପଣ ସ.ଅ କହିଲେ, ସେଇଥି ପାଇଁ ମୁଁ କିଛି କହୁ ନାହିଁ । ଅର୍ଥାତ୍ ଅଲ୍ଲାଃତାଲା ଓ ବିଶ୍ୱାସକାରୀମାନେ ହ. ଅବୁ ବକ୍କର ର.ଅଙ୍କୁ ହିଁ ନିଜର ଖଲିଫା ରୂପେ ମନୋନୀତ କରିବେ ।" **(ମୁସ୍‌ଲିମ୍ କିତାବ୍ ଫଜାଇଲୁସ୍ ସାହାବତା, ବାବ୍, ମିଁନ୍ ଫଜାଇଲି ଅବି ବକ୍‌ରିନ୍ ।)**

ନିଃସନ୍ଦେହ ରୂପେ ସାହାବାମାନେ ଏକଥା ଜାଣିଥିଲେ ଯେ, ରସୁଲ କରୀମ୍ ସ.ଅଙ୍କ ପରେ ସେମାନଙ୍କର ମଧ୍ୟରେ ଯଦି କୌଣସି ବ୍ୟକ୍ତିର ମର୍ଯ୍ୟାଦାପୂର୍ଣ୍ଣ ସ୍ତର ରହିଛି ତେବେ ସେହି ସ୍ତର ହେଉଛି ହ. ଅବୁ ବକ୍କର ର.ଅଙ୍କର । ହ. ଅବୁ ବକ୍କର ର.ଅ ହିଁ ଖଲିଫା ହେବା ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ଓ ଯୋଗ୍ୟ ବ୍ୟକ୍ତି ଅଟନ୍ତି ।

ଆଁହଜରତ ସ.ଅଙ୍କ ମକ୍କି ଜୀବନ ତ' ଏପରି ଥିଲା ଯେ, ତହିଁରେ ଶାସନ ଏବଂ ମକ୍କାର ଶାସନ ବ୍ୟବସ୍ଥାକୁ ସମ୍ଭାଳିବାର ପ୍ରଶ୍ନ ହିଁ ଉଠୁ ନଥିଲା । କିନ୍ତୁ ମଦିନାରେ ଆଁହଜରତ୍ ସ.ଅଙ୍କ ଆଗମନ ପରେ ଶାସନ ବ୍ୟବସ୍ଥା ସ୍ଥାପିତ ହୋଇଥିଲା । ସ୍ୱଭାବିକ ରୂପେ କପଟବିଶ୍ୱାସୀଙ୍କ ମନରେ ଉକ୍ତ ପ୍ରଶ୍ନ ଉତ୍ଥାପିତ ହେବାକୁ ଲାଗିଲା ଯେ, ଆପଣ ସ.ଅଙ୍କ ପରେ କୌଣସି ବ୍ୟକ୍ତି ଖଲିଫା ହେବା ପରେ ଇସ୍‌ଲାମୀୟ ଶାସନ ବ୍ୟବସ୍ଥାକୁ ନସମ୍ଭାଳି ବସୁ ଓ ଆମେମାନଙ୍କର ଚିରକାଳ ପାଇଁ ବିନାଶ ହୋଇ ନଯାଉ। "ଯେଉଁ ବିରୋଧୀମାନେ ଥିଲେ ସେମାନେ ଭାବିଲେ ଯେ, ଆପଣ ସ.ଅଙ୍କ ମଦିନା ଆଗମନ ଯୋଗୁଁ ସେମାନଙ୍କର ଯେଉଁ ଆଶା ଅଭିଳାଷା ରହିଥିଲା ତାହା ମଉଳି ଯାଇଥିଲା। ଇତିହାସରୁ ଉକ୍ତ କଥା ପ୍ରମାଣିତ ଯେ, ମଦିନାରେ ଆରବ୍ୟମାନଙ୍କର ଦୁଇଟି ସଂପ୍ରଦାୟ ବାସ କରୁଥିଲେ । ସେମାନେ ହେଲେ ଓ୍ୱସ୍ ଓ ଖଜରଜ୍ ସଂପ୍ରଦାୟ। ଏହି ଦୁଇ ସଂପ୍ରଦାୟ ସର୍ବଦା ପରସ୍ପର ମଧ୍ୟରେ କଳହ କରୁଥିଲେ ଏବଂ ହତ୍ୟା ବିଭୀଷିକା ଓ ରକ୍ତପାତର ବଜାର ଏମାନେ ପୁରାପୁରି ସରଗରମ କରି ଦେଇଥିଲେ । ଅର୍ଥାତ୍ କାଣ୍ଡ ଭିଆଇଥିଲେ । ସୁତରାଂ ସେମାନେ ଯେତେବେଳେ ଏହା ଅବଲୋକନ କଲେ ଯେ, ଆମେମୋନେ ପରସ୍ପର ସହିତ ଯୁଦ୍ଧ କରିବା ଦ୍ୱାରା ଆମ ସଂପ୍ରଦାୟର ଯେଉଁ ଖ୍ୟାତି ରହିଛି ତାହା ସମାପ୍ତ ହୋଇ ଚାଲିଛି । ତେଣୁ ସେମାନେ ପରସ୍ପର ମଧ୍ୟରେ ସନ୍ଧି ସ୍ଥାପନ ନିମିତ୍ତ ପ୍ରସ୍ତାବ ଦେଲେ।

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସେମାନେ ଏହି ପ୍ରସ୍ତାବ ଦେଲେ ଯେ, ସେମାନେ ପରସ୍ପର ଏକ ହୋଇଯିବେ ଓ କୌଣସି ଏକ ବ୍ୟକ୍ତିକୁ ନିଜର ଶାସକ ରୂପେ ବରଣ କରିନେବେ । ସୁତରାଂ ୱସ୍ ଓ ଖଜରଜ୍ ସଂପ୍ରଦାୟ ପରସ୍ପର ମଧ୍ୟରେ ସନ୍ଧି ସ୍ଥାପନ କରିନେବା ପାଇଁ ନିଷ୍ପତ୍ତି ନେଲେ । ସେମାନେ ସମସ୍ତେ ଏହି ନିଷ୍ପତ୍ତି ନେଲେ ଯେ, ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌କୁ ସେମାନେ ମଦିନାର ସମ୍ରାଟ୍ ରୂପେ ସ୍ୱୀକାର କରିବେ । ଉକ୍ତ ନିଷ୍ପତ୍ତି ପରେ ସେମାନେ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଲେ ଏବଂ ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ନିମନ୍ତେ ମୁକୁଟ୍ ନିର୍ମାଣ କରିବା ନିମନ୍ତେ ଆଦେଶ ଦିଆଗଲା । ଠିକ୍ ସେତିକିବେଳେ ମଦିନାର କେତେକ ହଜ୍ ତୀର୍ଥକାରୀ ବ୍ୟକ୍ତିମାନେ ମକ୍କାରୁ ହଜ୍ କରି ମଦିନାକୁ ଫେରିଲେ ଓ ସେମାନେ କହିଲେ, ଶେଷ ଯୁଗର ଅବତାର ମକ୍କାରେ ପ୍ରାଦୁର୍ଭୂତ ହଇଯାଇଛନ୍ତି । ଆମେମାନେ ସେହି ଅବତାରଙ୍କର ବୈଅତ୍ କରି ଆସିଛୁ । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅଙ୍କ ଦାବି ସଂକ୍ରାନ୍ତରେ କୋଳାହଳ ହେବା ଆରମ୍ଭ ହୋଇଗଲା ଏବଂ କିଛି ଦିନ ପରେ ଆଉ କେତେକ ଲୋକମାନେ ମଧ୍ୟ ମକ୍କା ଯାଇ ରସୁଲ୍ କରୀମ୍ ସ.ଅଙ୍କ ହସ୍ତରେ ବୈଅତ୍ କରିନେଲେ । ପୁନଶ୍ଚ ସେମାନେ ରସୁଲ୍ କରୀମ୍ ସ.ଅଙ୍କୁ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଆମମାନଙ୍କର ସଂସ୍କାର ଓ ପ୍ରଚାର ନିମନ୍ତେ କୌଣସି ଏକ ମୁଅଲ୍ଲିମ୍ (ଶିକ୍ଷକ) ଆମ ସହିତ ପ୍ରେରଣ କରନ୍ତୁ । ସୁତରାଂ ରସୁଲ୍ କରୀମ୍ ସ.ଅ ଜଣେ ସାହାବିଙ୍କୁ ମୁବଲ୍ଲିଗ୍ କରି ପ୍ରେରଣ କଲେ ଏବଂ ମଦିନାର ଅନେକ ଲକୋମାନେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲେ । ସେହି ଦିନମାନଙ୍କରେ ରସୁଲ୍ କରୀମ୍ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନଙ୍କୁ ଅନେକ ଦୁଃଖ କଷ୍ଟ ଏବଂ ନିର୍ଯାତନା ଦିଆଯାଉଥିଲା । ଅତଏବ୍ ମଦିନାବାସୀମାନେ ଆପଣଙ୍କୁ ନିବେଦନ କଲେ ଯେ, ଆପଣ ସ.ଅ ମଦିନା ଚାଲି ଆସନ୍ତୁ । ସୁତରାଂ ରସୁଲୁଲ୍ଲାଃ ସ.ଅ ସେମାନଙ୍କ କଥା ରକ୍ଷା କରି ସାହାବାମାନଙ୍କ ସମେତ ମଦିନା ପ୍ରବାସ କରି ଚାଲି ଆସିଲେ । ଏପଟେ ମଦିନାବାସୀ ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ପାଇଁ ମୁକୁଟ୍ ପ୍ରସ୍ତୁତ କରୁଥିଲେ ସେପଟେ ଅବଦ୍ଲୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ସ୍ତବ୍ଧ ହୋଇଗଲା । କାରଣ ଯେତେବେଳେ ସେମାନଙ୍କୁ ଅର୍ଥାତ୍ ମଦିନାବାସୀଙ୍କୁ ଉଭୟଲୋକର ସମ୍ରାଟ୍ ମିଳିଗଲା ସେତେବେଳେ ସେମାନଙ୍କୁ ଅନ୍ୟ କୌଣସି ସମ୍ରାଟର ଆବଶ୍ୟକତା ନଥିଲା ।" **(ଅସ୍ ସିରତୁନ୍ ନବ୍‌ୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ538-537-, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ଯେତେବେଳେ ଏହା ଦେଖିଲା କି ତା'ର ସମ୍ରାଟ୍ ହେବାର ଯେଉଁ ସମ୍ଭାବନା ରହିଥିଲା ତାହା କ୍ରମଶଃ ଶେଷ ହେବାକୁ ବସିଲାଣି ସେତେବେଳେ ସେ କ୍ରୋଧ ଜର୍ଜରିତ ହୋଇ ପ୍ରକାଶ୍ୟ ଭାବରେ ମୁସଲମାନମାନଙ୍କ ସହିତ ମିଶିଗଲା । କିନ୍ତୁ ସେ ସର୍ବଦା ଇସ୍‌ଲାମ୍ ଧର୍ମରେ ବାଧା ଏବଂ ବିଘ୍ନ ସୃଷ୍ଟି କରୁଥିଲା । ବର୍ତ୍ତମାନ ସେ ଆଉ କିଛି କରିପାରୁ ନଥିଲା । ତେଣୁ ମନରେ ଯଦି କୌଣସି ଆକାଂକ୍ଷା ସୃଷ୍ଟି ହେଉଥିଲା ତାହା କେବଳି ଏତିକି ଯେ, ମୁହମ୍ମଦ ସ.ଅ ଯଦି ମୃତ୍ୟୁବରଣ କରନ୍ତି ତେବେ ମୁଁ ସମ୍ରାଟ୍ ହେବି । କିନ୍ତୁ ଅଲ୍ଲାଃତାଲା ତା'ର ଏହି ଆଶା ଏବଂ ଉକ୍ତ ଇଚ୍ଛାକୁ ମଧ୍ୟ ପୂରଣ ହେବାକୁ ଦେଲେ ନାହିଁ । କାରଣ ତା'ର ନିଜ ପୁତ୍ର ଜଣେ ନିଷ୍ଠାପର ବ୍ୟକ୍ତି ଥିଲା । ଏହାର ଅର୍ଥ ଏହା ଥିଲା କି ସେ ଯଦି ସମ୍ରାଟ୍ ବି ହୋଇଯାଇ ଥାଆନ୍ତା ତେବେ ତା'ପରେ ମଧ୍ୟ ଶାସନ କ୍ଷମତା ପୁନଶ୍ଚ ଇସ୍‌ଲାମ୍ ଧର୍ମକୁ ଚାଲି ଆସିଥାଆନ୍ତା । ଏତଦ୍‌ଭିନ୍ନ ଅଲ୍ଲାଃତାଲା ଅବ୍ଦୁଲ୍ଲାଃ ବିନ୍ ଉବେ୍ି ବିନ୍ ସୁଲୁଲ୍‌କୁ ଏହି ଢଙ୍ଗରେ ମଧ୍ୟ ପରାସ୍ତ ଓ ଅକୃତକାର୍ଯ୍ୟ କଲେ ଯେ, ଯେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଏହି ନୂତନ ବ୍ୟବସ୍ଥା ସ୍ଥାପିତ ହେଲା ସେତେବେଳେ ସେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବାକୁ ଆରମ୍ଭ କରକିଦେଲା ଯେ, ଇସ୍‌ଲାମ୍ ଧର୍ମର ଶାସନ କରିବାର ଶୈଳୀ କିପରି ଅଟେ ? ଆପଣ ସ.ଅଙ୍କ ପରେ ଇସ୍‌ଲାମ୍ ଧର୍ମର କ'ଣ ହେବ ? ଏଥି ସଂକ୍ରାନ୍ତରେ ମୁସଲମାନମାନଙ୍କୁ କ'ଣ କରିବା ଉଚିତ୍ ଅର୍ଥାତ୍ କେଉଁ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ? ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ଯେତେବେଳେ ଏହି ଅବସ୍ଥାକୁ ଅବଲୋକନ କଲା ସେତେବେଳେ ତା' ମନରେ ଭୟ ସୃଷ୍ଟି ହେବାକୁ ଲାଗିଲା । ଅର୍ଥାତ୍ ବର୍ତ୍ତମାନ ଇସ୍‌ଲାମ୍ ଧର୍ମର ଶାସନ ବ୍ୟବସ୍ଥା ଏହି ଢଙ୍ଗରେ ସ୍ଥାପିତ ହେବ ଓ ଏହି ଶାସନ ବ୍ୟବସ୍ଥାରେ ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌ର କୌଣସି ଅଂଶ ହେବ ନାହିଁ । ତେଣୁ ସେ ଏହି ପରିସ୍ଥିତିକୁ ପ୍ରତିରୋଧ କରିବାକୁ ଚାହୁଁଥିଲା । ସୁତରାଂ ଏଥି ନିମନ୍ତେ ଯେତେବେଳେ ସେ ଏହା ବିଚାର କରିବାକୁ ଲାଗିଲା ସେତେବେଳେ ତା'କୁ ଏହା ଦୃଶ୍ୟମାନ ହେଲା ଯେ, ଯଦି ଇସ୍‌ଲାମୀୟ ଶାସନକୁ ଇସ୍‌ଲାମୀୟ ନୈତିକତା ଉପରେ କୌଣସି ବ୍ୟକ୍ତି ପ୍ରତିଷ୍ଠିତ କରିପାରିବା ତେବେ ସେହି ବ୍ୟକ୍ତି ହେଉଛନ୍ତି ହ. ଅବୁ ବକ୍କର ର.ଅ । ରସୁଲ୍ କରୀମ୍ ସ.ଅଙ୍କ ପରେ ମୁସଲମାନମାନଙ୍କ ଦୃଷ୍ଟି ହ. ଅବୁ ବକ୍କର ର.ଅଙ୍କ ଆଡ଼କୁ ଉଠୁଥିଲା ଏବଂ ମୁସଲମାନମାନେ ହ. ଅବୁ ବକ୍କର୍ ର.ଅଙ୍କୁ ସମସ୍ତ ଲୋକମାନଙ୍କ ଅପେକ୍ଷା ସର୍ବାଧିକ ପୂଣ୍ୟବାନ ଏବଂ ସମ୍ମାନସ୍ପଦ ବ୍ୟକ୍ତି ବୋଲି ମନେକରୁଥିଲେ । ସୁତରାଂ ସେ ଅର୍ଥାତ୍ ଅବଦ୍ଲୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍ ନିଜର ମଙ୍ଗଳ ତହିଁରେ ଦେଖିଲା ଯେ, ହ. ଅବୁ ବକ୍କର ର.ଅଙ୍କୁ ବଦ୍‌ନାମ୍ କରିଦିଆଯାଉ । କେବଳ ଲୋକମାନଙ୍କ ଦୃଷ୍ଟିରୁ ତାଙ୍କୁ ତଳେ ନପକାଇ ଦିଆଯାଉ । ବରଂ ସ୍ୱୟଂ ଆଁହଜରତ ସ.ଅଙ୍କ ଦୃଷ୍ଟିରୁ ମଧ୍ୟ ତାଙ୍କୁ ତଳକୁ ପକାଇ ଦିଆଯାଉ । ଉକ୍ତ ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାର ଅବସର ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌କୁ ହ. ଆଏଶା ର.ଅଙ୍କ ଯୁଦ୍ଧରେ ପଛରେ ରହିଯିବାର ଘଟଣାରୁ ହିଁ ପ୍ରାପ୍ତ ହୋଇଗଲା । ସୁତରାଂ ସେହି କୁପ୍ରବୃତ୍ତି ବ୍ୟକ୍ତି ଆପଣ ଅର୍ଥାତ୍ ହ. ଆଏଶା ର.ଅଙ୍କ ଉପରେ ଏକ ଗମ୍ଭୀର ଏବଂ କୁତ୍ସିତ ଆରୋପ ବା ଲାଞ୍ଛନ ଲଗାଇ ଦେଲା ଯାହା ପବିତ୍ର କୁରଆନ୍ କରୀମ୍‌ରେ ଇଙ୍ଗିତ କ୍ରମେ ବର୍ଣ୍ଣିତ ହୋଇଛି । କିନ୍ତୁ ହଦିସ୍‌ମାନଙ୍କରେ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଉଲ୍ଲେଖ ଥିବାର ପ୍ରମାଣ ମିଳେ । ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌ର ଏହି ଉଦ୍ଦେଶ୍ୟ ଥିଲା ତା'ର ଏହି ଯୋଜନା ଥିଲା । ତେଣୁ ଏପରି କରି ସେ ହ. ଅବୁ ବକ୍କର ର.ଅଙ୍କୁ ମୁସଲମାନମାମାନଙ୍କ ଦୃଷ୍ଟିରେ ତିରସ୍କୃତ କରିବା ଦ୍ୱାରା ହ. ଅବୁ ବକ୍କର ର.ଅ ତିରସ୍କୃତ ହୋଇଯିବେ ଏବଂ ଆପଣ ର.ଅଙ୍କ ସଂପର୍କ ରସୁଲ୍ କରୀମ୍ ସ.ଅଙ୍କ ସହିତ ମଧ୍ୟ ବିଗିଡ଼ି ଯିବ । ଫଳତଃ ଇସ୍‌ଲାମୀୟ ଶାସନ ବ୍ୟବସ୍ଥା ସ୍ଥାପିତ ହେବାରେ ବାଧା ଉତ୍ପନ୍ନ ହେବ । ଅର୍ଥାତ୍ ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସୁଲୁଲ୍‌କୁ ଇସଲାମୀୟ ଶାସନ ବ୍ୟବସ୍ଥା ସ୍ଥାପିତ ହେଉଥିବାର ଦୃଶ୍ୟମାନ ହେଉଥିଲା । ତେଣୁ ଏହି ଶାସନ ବ୍ୟବସ୍ଥା ଯଦି ସ୍ଥାପନ ହୋଇଗଲା ତେବେ ତା'ର ସମସ୍ତ ଆଶା ଫସର ଫାଟିଗଲା ପରି ହୋଇଯିବ ଏବଂ ତା'ର ସମସ୍ତ ଆଶା ଧୂଳିସାତ ହୋଇଯିବ । କପଟବିଶ୍ୱାସୀ ନିଜର ମୃତ୍ୟୁକୁ ସବୁବେଳେ ଦୂର ବୋଲି ମନେକରିଥାଏ ଏବଂ ଅନ୍ୟର ମୃତ୍ୟୁ ସଂକ୍ରାନ୍ତରେ ସେ ଆକଳନ କରିଥାଏ । ଅତଃ ଅବ୍ଦୁଲ୍ଲାଃବିନ୍ ଉବେି ବିନ୍ ସୁଲୁଲୁ ମଧ୍ୟ ନିଜର ମୃତ୍ୟୁକୁ ଦୂର ବୋଲି ମନେକରୁଥିଲା । ସେ ଏହା ଚାହୁଁ ନଥିଲା ଯେ, ରସୁଲ୍ କରୀମ୍ ସ.ଅଙ୍କ ଜୀବନରେ ହିଁ ତିଳ ତିଳ କରି ପାଦ ଘଷି ମରିବ । ସେଇଥି ପାଇଁ ସେ ଆକଳନ ଏବଂ କଳ୍ପନା ଜଳ୍ପନା କରୁଥିଲା ଯେ, ରସୁଲ୍ କରୀମ୍ ସ.ଅ ମୃତ୍ୟୁ ବରଣ କରନ୍ତୁ ଓ ସେ ଆରବର ସମ୍ରାଟ୍ ହେଉ । କିନ୍ତୁ ସେ ଯେତେବେଳେ ଏହା ଦେଖିଲା କି ହ. ଅବୁ ବକ୍କର ର.ଅଙ୍କ ପୁଣ୍ୟ, ଧର୍ମନିଷ୍ଠତା ଏବଂ ମର୍ଯ୍ୟାଦା ମୁସଲମାନମାନଙ୍କ ମଧ୍ୟରେ ବିଦିତ ଓ ସ୍ୱୀକୃତ । ରସୁଲ୍ କରୀମ୍ ସ.ଅ ଯେତେବେଳେ ନମାଜ ପାଠ କରିବାକୁ ଆସୁ ନଥିଲେ ସେତେବେଳେ ହ. ଅବୁ ବକ୍କର ର.ଅ ଆପଣ ସ.ଅଙ୍କ ସ୍ଥାନରେ ଛିଡ଼ା ହୋଇ ନମାଜ ପାଠ କରାଉଥିଲେ । ମୁସଲମାନମାନଙ୍କୁ ରସୁଲ୍ କରୀମ୍ ସ.ଅଙ୍କ କୌଣସି ପ୍ରସଙ୍ଗ ସଂକ୍ରାନ୍ତରେ ପ୍ରଶ୍ନ ପଚାରିବାକୁ ସୁଯୋଗ ଯେତେବେଳେ ମିଳୁ ନଥିଲା ସେତେବେଳେ ମୁସଲମାନମାନେ ହ. ଅବୁ ବକ୍କର ର.ଅଙ୍କୁ ଧର୍ମାଜ୍ଞା ସଂକ୍ରାନ୍ତରେ ପଚାରୁଥିଲେ । ଯେତେବେଳେ ଅବ୍ଦୁଲ୍ଲା ବିନ୍ ଉବେି ବିନ୍ ସୁଲୁଲ୍ ଏହା ଦେଖିଲା ଏବଂ ଭାବି ସମ୍ରାଟ୍ ହେବାର ଯେଉଁ ଆଶା ସେ ବାନ୍ଧିଥିଲା ତାହା ଆଉ ପୂର୍ଣ୍ଣ ହେବ ନାହିଁ ସେତେବେଳେ ସେ ଅତ୍ୟନ୍ତ ଚିନ୍ତିତ ଏବଂ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲା । ତେଣୁ ସେ ଏହାର ପ୍ରତିକାର କରିବାକୁ ଚାହିଁଲା । ସୁତରାଂ ସେ ଉକ୍ତ ପ୍ରସଙ୍ଗର ପ୍ରତିକାର କରିବା ଏବଂ ହ. ଅବୁ ବକ୍କର ର.ଅଙ୍କ ଖ୍ୟାତି ଏବଂ ଆପଣ ର.ଅଙ୍କ ମର୍ଯ୍ୟାଦାକୁ ମୁସଲମାନମାନଙ୍କ ଦୃଷ୍ଟିରୁ କ୍ଷୁର୍ଣ୍ଣ (ତଳେ ପକାଇବା) କରିବା ନିମନ୍ତେ ସେ ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଲଗାଇଦେଲା । କାରଣ ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନା ପ୍ରୟୋଗ କରିବା ଫଳରେ ରସୁଲ୍ କରୀମ୍ ସ.ଅଙ୍କ ମନରେ ହ. ଆଏଶା ର.ଅ ପ୍ରତି ଘୃଣା ଭାବ ଉତ୍ପନ୍ନ ହୋଇଯିବ ଓ ହ. ଆଏଶା ର.ଅଙ୍କୁ ଆଁହଜରତ ସ.ଅ ଘୃଣା କରିବା ଦ୍ୱାରା ପରିଣାମ ଏହା ହେବ ଯେ, ହ. ଅବୁ ବକ୍କର ର.ଅଙ୍କୁ ରସୁଲୁଲ୍ଲାଃ ସ.ଅ ଓ ମୁସଲମାନମାନଙ୍କ ଦୃଷ୍ଟିରେ ଯେଉଁ ମର୍ଯ୍ୟାଦା ଏବଂ ସମ୍ମାନ ପ୍ରାପ୍ତ ହୋଇଥିଲା ତାହା ହ୍ରାସ ପାଇବ । ହ. ଅବୁ ବକ୍କର ର.ଅଙ୍କ ଭବିଷ୍ୟତରେ ଖଲିଫା ହେବାର ଯେଉଁ ସ୍ୱପ୍ନ ଓ ସମ୍ଭାବନା ରହିଥିଲା ତାହା ଆଉ ବାକି ନରହୁ ।" **(ତଫ୍‌ସିର୍ କବିର୍, ଭାଗ-8, ପୃ-519-524, ସୁରତୁନ୍ ନୁର୍ ଆୟତ୍ ନଂ-36 ଅନୁଯାୟୀ)**

ହ. ଅବୁ ବକ୍କର ର.ଅଙ୍କ ଖିଲାଫତ୍ ସହିତ ଉଫକ୍‌ର ଘଟଣା ଯେଉଁ ସଂପର୍କ ରିହଥିଲା ତତ୍‌ସମ୍ବନ୍ଧରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତିରିକ୍ତ ଉଲ୍ଲେଖ କରିଛନ୍ତି। ଆପଣ ର.ଅ କୁହନ୍ତି: "ସୁରାଃ ନୁରର୍ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ କିଭଳି ଭାବରେ ଗୋଟି ବିଷୟ ବସ୍ତୁକୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣନା କରାଯାଇଛି । ପ୍ରଥମେ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ଉକ୍ତ ଆରୋପର ଚର୍ଚ୍ଚା କଲେ ଯାହା ହ. ଆଏଶା ର.ଅଙ୍କ ଉପରେ ଆରୋପଣ କରାଯାଇଥିଲା । ହ. ଆଏଶା ର.ଅଙ୍କ ଉପେରେ ଲାଞ୍ଛନ ଆରୋପଣ କରାଯିବାର ଅଭିପ୍ରାୟ ଏହା ରହିଥିଲା ଯେ, ହ. ଅବୁ ବକ୍କର ର.ଅଙ୍କୁ ତରିସ୍କୃତ କରାଯାଉ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସହିତ ହ. ଅବୁ ବକ୍କର ର.ଅଙ୍କର ଯେଉଁ ସଂପର୍କ ରହିଛି ତାହା ବିଗିଡ଼ି ଯାଉ । ଉକ୍ତ ସଂପର୍କରେ ଫାଟ ସୃଷ୍ଟି ହେବା ଫଳରେ ମୁସଲମାନମାନଙ୍କ ଦୃଷ୍ଟିରେ ହ. ଅବୁ ବକ୍କର ର.ଅଙ୍କ ସମ୍ମାନ ଏବଂ ମର୍ଯ୍ୟାଦା ହ୍ରାସ ପାଇବ । ରସୁଲ୍ କରୀମ୍ ସ.ଅଙ୍କ ବିୟୋଗ ପରେ ହ. ଅବୁ ବକ୍କର ର.ଅ ଆଉ ଯେପରି ଖଲିଫା ହୋଇ ନପାରନ୍ତୁ । କାରଣ ଅବ୍ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍‌କୁ ଏହା ଆଭାସ ହୋଇ ସାରିଥିଲା ଯେ, ରସୁଲ୍ କରୀମ୍ ସ.ଅଙ୍କ ପରେ ମୁସଲମାନମାନଙ୍କ ଦୃଷ୍ଟି ଯଦି କାହା ଉପରେ ପଡ଼େ ତେବେ ସେ ହେଉଛନ୍ତି ହ. ଅବୁ ବକ୍କର ର.ଅ । ଯଦି ହ. ଅବୁ ବକ୍କର ର.ଅଙ୍କ ମାଧ୍ୟମରେ ଖିଲାଫତ୍ ସ୍ଥାପିତ ହୋଇଗଲା ତେବେ ଅବ୍ଦୁଲ୍ଲାଃ ବନ୍ ଉବୈ ବିନ୍ ସୁଲୁଲ୍‌ର ସମ୍ରାଟ୍ ହେବାର ସ୍ୱପ୍ନ କେବେ ସାକାର ହେବ ନାହିଁ । ଅତଏବ୍ ଉକ୍ତ ଲାଞ୍ଛନର ତୁରନ୍ତ ପରେ ଅଲ୍ଲାଃତାଲା ଖିଲାଫତ୍‌ର ଚର୍ଚ୍ଚା କଲେ ଏବଂ କହିଲେ, ଖିଲାଫତ୍ ସମ୍ରାଟତ୍ୱ ନୁହେଁ । ଖିଲାଫତ୍ ଐଶୀ ଆଲୋକକୁ ବଜାୟ ରଖିବା ନିମନ୍ତେ ଏକ ମାଧ୍ୟମ ଅଟେ । ଅତଃ ଖିଲାଫତ୍ ସ୍ଥାପନ ହେବାର ବ୍ୟବସ୍ଥା ଅଲ୍ଲାଃତାଲା ନିଜ ହସ୍ତରେ ରଖିଛନ୍ତି । ଖିଲାଫତ୍‌ର ଅବକ୍ଷୟ ହେଲେ ଐଶୀ ଆଲୋକ ଓ ଅବତାରତ୍ୱ ଆଲୋକ ଅବକ୍ଷୟ ହେବା ସ୍ୱାଭାବିକ ଅଟେ ।"

ଅତଏବ୍ ଅଲ୍ଲାଃତାଲା ଉକ୍ତ ଆଲୋକକୁ ଅବଶ୍ୟ ସ୍ଥାପିତ ଓ ପ୍ରତିଷ୍ଠିତ କରିଦେବେ। ସେ ଯାହାକୁ ଚାହିଁବେ ତାହାକୁ ଖଲିଫା କରିଦେବେ ତାହା ନୁହେଁ । ବରଂ ସେ ଏହି ପ୍ରତିଶ୍ରୁତି ଦେଇଛନ୍ତି ଯେ, ମୁସଲମାନମାନଙ୍କ ମଧ୍ୟରୁ କେବଳ ଗୋଟିଏ ବ୍ୟକ୍ତିକୁ ନୁହେଁ ବରଂ ଅସଂଖ୍ୟ ବ୍ୟକ୍ତିଙ୍କୁ ଖିଲାଫତ୍ ବ୍ୟବସ୍ଥା ଉପରେ ପ୍ରତିଷ୍ଠିତ କରାଇ ସେହି ଅର୍ଥାତ୍ ଖିଲାଫତ୍‌ର ଆଲୋକକୁ ଏବଂ ଖିଲାଫତ୍‌ର ଯୁଗକୁ ପ୍ରଲମ୍ବିତ ତଥା ସଂପ୍ରସାରିତ କରିଦେବେ । ତୁମେମାନେ ଯଦି ଲାଞ୍ଛନ ଆରୋପଣ କରିବାକୁ ଚାହୁଁଛ ତେବେ ଅବଶ୍ୟ କର । ହେଲେ ତୁମେମାନେ ନା ଖିଲାଫତ୍‌କୁ ସମାପ୍ତ କରି ପାରିବ ଓ ନା ହ. ଅବୁ ବକ୍କର୍ ର.ଅଙ୍କୁ ଖିଲାଫତ୍‌ରୁ ବଞ୍ଚିତ କରିପାରିବ । କାରଣ ଖିଲାଫତ୍ ଏକ ଦିବ୍ୟାଲୋକ ଅଟେ ଯାହାକି ଅଲ୍ଲାଃତାଲାଙ୍କ ଦିବ୍ୟ ଜ୍ୟୋତିର ପ୍ରଦୁର୍ଭୂତ ହେବାର ଏକ ଉତ୍କୃଷ୍ଟ ମାଧ୍ୟମ ମାତ୍ର । ମନୁଷ୍ୟ ଏହାକୁ ନିଜସ୍ୱ ଯୋଜନା ଦ୍ୱାରା କିପରି ସମାପ୍ତ କରିପାରିବ ?"**(ତଫସିର୍ କବିର୍, ଭାଗ-8, ପୃ-526, ସୁରତୁନ୍ ନୁର୍ ଆୟତ୍ ନଂ-36 ଅନୁଯାୟୀ)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅବତାରମାନଙ୍କର ମଧ୍ୟ ଏହି ଅବସ୍ଥା ହୋଇଥାଏ ଯେ, ଯେତେବେଳେ ପ୍ରଭୁ କୌଣସି ପ୍ରସଙ୍ଗ ସଂକ୍ରାନ୍ତରେ ସୂଚନା ପ୍ରଦାନ କରନ୍ତି ସେତେବେଳେ ସେ ଉକ୍ତ ପ୍ରସଙ୍ଗକୁ ବର୍ଣ୍ଣନା କରନ୍ତି ନାହିଁ ଅବା ଉକ୍ତ ପ୍ରସଙ୍ଗକୁ ଅବଲମ୍ବନ କରି ନିଅନ୍ତି । ଦେଖ ଉଫକ୍ ଘଟଣାରେ ହ. ଆଏଶା ର.ଅଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କୁ ପ୍ରାରମ୍ଭିକ କୌଣସି ସୂଚନା ପ୍ରାପ୍ତ ହେଲା ନାହିଁ । ଏପର୍ଯ୍ୟନ୍ତକି ସ୍ଥିତି ଏମିତି ହେଲା ଯେ, ହ. ଆଏଶା ର.ଅ ନିଜ ପିତାଶ୍ରୀଙ୍କ ଘରକୁ ଚାଲିଗଲେ ଏବଂ ଆଁହଜରତ ସ.ଅ ଏହା ମଧ୍ୟ କହିଲେ, ଯେ, ହେ ଆଏଶା! ତୁମେ ଯଦି ଉକ୍ତ ପାପ କରିଛି ତେବେ ତୁମେ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମାଯାଚନା କରିନିଅ । ଉକ୍ତ ଘଟଣାବଳୀକୁ ଦେଖି ସ୍ପଷ୍ଟ ରୂପେ ଏହା ଜ୍ଞାତ ହୁଏ ଯେ, ଆପଣ ସ.ଅ କିଭଳି ବ୍ୟାକୁଳ ଏବଂ ବିବ୍ରତ ହୋଇ ପଡ଼ିଥିଲେ । କିନ୍ତୁ ଉକ୍ତ ଭେଦଟି ଆପଣ ସ.ଅଙ୍କ ଉପରେ ସେତେବେଳେ ଉନ୍ମୋଚିତ ହେଲା ନାହିଁ । କିନ୍ତୁ ଅଲ୍ଲାଃତାଲା ଯେତେବେଳେ ନିଜର ଐଶୀବାଣୀ ମାଧ୍ୟମରେ ଯୋଜନା କଲେ ଏବଂ କହିଲେ, اَلْخَبِيْثٰتُ لِلْخَبِيْثِيْنَ وَالْخَبِيْثُوْنَ لِلْخَبِيْثٰتِ وَالطَّيِّبٰتُ لِلطَّيِّبِيْنَ وَالطَّيِّبُوْنَ لِلطَّيِّبٰتِ **(ଅନ୍ ନୁର୍: 27)** ଅର୍ଥାତ୍ ମନ୍ଦ ବିଷୟ ମନ୍ଦ ପୁରୁଷଙ୍କ ପାଇଁ ଓ ମନ୍ଦ ପୁରୁଷ ମନ୍ଦ ବିଷୟ ପାଇଁ; ଓ ଉତ୍ତମ ବିଷୟ ଉତ୍ତମ ପୁରୁଷଙ୍କ ପାଇଁ ଓ ଉତ୍ତମ ପୁରୁଷ ଉତ୍ତମ ବିଷୟ ପାଇଁ । ଶତ୍ରୁମାନେ ଯେଉଁ ବିଷୟ କହୁଛନ୍ତି ଏସବୁ ଲୋକ ସେଥିରୁ ପବିତ୍ର । ଏମାନଙ୍କ ପାଇଁ କ୍ଷମା ଓ ସମ୍ମାନଜନକ ଜୀବିକା ନିର୍ଦ୍ଦିଷ୍ଟ ରହିଅଛି । (ସାଧାରଣତଃ କେତେକ ବ୍ୟାଖ୍ୟାକର ଉକ୍ତ ଆୟତ୍‌ର ବ୍ୟାଖ୍ୟା କରିବାକୁ ଯାଇ ଉଲ୍ଲେଖ କରନ୍ତି ଯେ, ମନ୍ଦ ପୁରୁଷ ପାଇଁ ମନ୍ଦ ମହିଳା ଓ ମନ୍ଦ ମହିଳାଙ୍କ ପାଇଁ ମନ୍ଦ ପୁରୁଷ ନିର୍ଦ୍ଦିଷ୍ଟ ରହିଛନ୍ତି । କିନ୍ତୁ ଆମ ମତରେ ଏହା ଠିକ୍ ନୁହେଁ । ପବିତ୍ର କୁରଆନ୍ କରୀମ୍‌ରେ କେବଳ ଏତିକି ମାତ୍ର ନିର୍ଦ୍ଦେଶ ଦିଆଯାଇଛି ଯେ, ଯେଉଁମାନେ ସତ୍‌କାର୍ଯ୍ୟ କରୁଥିବା ବିଷୟରେ ବହୁ ଲୋକ ଜାଣନ୍ତି ସେମାନଙ୍କ ପ୍ରତି ବ୍ୟାଭିଚାର ଆରୋପ କର ନାହିଁ। ବସ୍ତୁତଃ ଯେଉଁ ପୁରୁଷ ଓ ଯେଉଁ ମହିଳାର ପ୍ରକୃତି ଉତ୍ତମ ଥିବାର ଅନେକଙ୍କୁ ଜଣା ସେମାନେ ନିଶ୍ଚୟ ଉତ୍ତମ କାର୍ଯ୍ୟ କରିବେ) ଅତଏବ୍ ଆପଣ ସ.ଅଙ୍କୁ ଉଫକ୍ ଘଟଣାର ସତ୍ୟାସତ୍ୟ ସଂପର୍କରେ ଜ୍ଞାତ ହୋଇଥିଲା । ଉକ୍ତ ଘଟଣା ଘଟିବା ପରେ କ'ଣ ଆଁହଜରତ୍ ସ.ଅଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଗଲା କି ? କଦାପି ନୁହଁ। ଯେଉଁ ବ୍ୟକ୍ତି ଏଭଳି ଭ୍ରମ ଏବଂ କୁଧାରଣା ନିଜ ମନ ଭିତରେ ପୋଷଣ କରେ ତେବେ ସେହି ବ୍ୟକ୍ତି ଅତ୍ୟାଚାରୀ ଏବଂ ନାସ୍ତିକବାଦୀ ଓ ସେ ଈଶ୍ୱରଙ୍କୁ ଭୟ କରେ ନାହିଁ। ଏଭଳି ଧାରଣା ମନୁଷ୍ୟକୁ ଅବଜ୍ଞା ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ଆଁହଜରତ ସ.ଅ ଓ ଅବତାରମାନେ କେବେ ବି ଏହି ଦାବି କରି ନାହାନ୍ତି ଯେ, ସେମାନେ ଆଦୃଷ୍ଟ ବିଷୟକୁ ଜାଣନ୍ତି ଏବଂ ସେମାନେ ଅନ୍ତର୍ଯାମୀ ଅଟନ୍ତି । ଆଦୃଷ୍ଟ ବିଷୟ ଓ ଅନ୍ତର୍ଯାମୀ ହେବା ଈଶ୍ୱରଙ୍କ ବିଶେଷ ଗୁଣ ଅଟେ । ଏହି ଦୁରାଚାରୀ ଲୋକମାନେ ଅବତାରମାନଙ୍କର ପରମ୍ପରା ସହିତ ଯଦି ଅବଗତ ହୋଇ ଥାଆନ୍ତେ ତେବେ ଏହି ପ୍ରକାରର ଆପତ୍ତି କଦାପି କରନ୍ତେ ନାହିଁ ।"

**(ମଲଫୁଜାତ୍, ଭାଗ-3, ପୃ-316, ପ୍ରକାଶନ ବର୍ଷ-2022 ମସିହା)**

ଯେଉଁମାନେ ଆପଣ ଅ.ସଙ୍କ ଉପରେ ଆପତ୍ତି କରନ୍ତି ଆପଣ ଅ.ସ ସେମାନଙ୍କର ମୁହଁ ମଧ୍ୟ ବନ୍ଦ କରାଇଛନ୍ତି । ଆଁହଜରତ ସ.ଅ ୱସ୍ ଓ ଖଜରଜ୍ ସଂପ୍ରଦାୟର ଅଧିପତିମାନଙ୍କ ମଧ୍ୟରେ ସନ୍ଧି ସ୍ଥାପନ କରିବାର ମଧ୍ୟ ଚର୍ଚ୍ଚା ମିଳେ । ଉଭୟ ସଂପ୍ରଦାୟ ମଧ୍ୟରେ ଶତ୍ରୁତା ଏବଂ ମନୋମାଳିନ୍ୟତ ବୃଦ୍ଧି ପାଇଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ କିଛି ଦିନ ପରେ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ହସ୍ତ ଧରିଲେ ଏବଂ କିଛି ସାହାବାଙ୍କ ସହିତ ତାଙ୍କୁ ଧରି ବାହାରିଲେ ଓ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କ ପାଖରେ ପହଞ୍ଚିଲେ । ସେଠାରେ କିଛି କ୍ଷଣ କଥାବାର୍ତ୍ତା ହେଲେ । ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ଭୋଜନ ଉପସ୍ଥାପିତ କଲେ। ରସୁଲୁଲ୍ଲାଃ ସ.ଅ, ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଓ ଅନ୍ୟାନ୍ୟ ସାହାବାମାନେ ସେହି ଭୋଜନ ମଧ୍ୟରୁ କିଛି ଆହାର ସେବନ କଲେ । ଏହାପରେ ଆପଣ ସ.ଅ ପ୍ରସ୍ଥାନ କଲେ । ଏତଦ୍‌ପରେ ଆପଣ ସ.ଅ କିଛି ଦିନ ଅବସ୍ଥାନ କଲେ । କିଛି ଦିନ ପରେ ଆପଣ ସ.ଅ ପୁନଶ୍ଚ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କ ହସ୍ତ ଧରିଲେ ଏବଂ କିଛି ସାହାବାଙ୍କୁ ସାଙ୍ଗରେ ଧରି ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଘରକୁ ଗଲେ। ଆପଣ ସ.ଅ କିଛି ସମୟ ବାର୍ତ୍ତାଳାପ କଲେ । ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଖାଦ୍ୟ ଉପସ୍ଥାପିତ କଲେ ଏବଂ ଆପଣ ସ.ଅ, ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ଓ ଅନ୍ୟାନ୍ୟ ସାହାବାମାନେ ଭୋଜନ ଗ୍ରହଣ କଲେ । ଏହାପରେ ଆପଣ ସ.ଅ ପ୍ରସ୍ଥାନ କଲେ । ଆପଣ ସ.ଅ ଏହା ଏଇଥି ପାଇଁ କଲେ ଯେ, ସାହାବାମାନଙ୍କ ମଧ୍ୟରେ ଯେଉଁ ଆବର୍ଜନା (ମନୋମାଳିନ୍ୟତା) ସୃଷ୍ଟି ହୋଇଯାଇଥିଲା ତାହା ସମାପ୍ତ ହୋଇଯାଉ ।

**(କିତାବୁଲ୍ ମୁଗାଜି ୱାକିଦି, ଭାଗ-1, ପୃ-371,ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ଅର୍ଥାତ୍ ଏକଦା ଜଣେ ସାହାବିଙ୍କୁ ଧରି ଆପଣ ସ.ଅ ଅନ୍ୟ ସାହାବିଙ୍କ ଘରକୁ ଗଲେ ଓ ଦ୍ୱିତୀୟ ଥର ଆପଣ ସ.ଅ ଅନ୍ୟ ସାହାବିଙ୍କୁ ଧରି ପ୍ରଥମ ସାହାବିଙ୍କ ଘରକୁ ଗଲେ । କାରଣ ସେମାନଙ୍କ ମଧ୍ୟରେ ଥିବା ମନୋମାଳିନ୍ୟତା, ବୈରାଗ୍ୟ ସମାପ୍ତ କରାଯାଉ ଏବଂ ସେଠାରେ ଆପଣ ସ.ଅ ଭୋଜନ ଗ୍ରହଣ କରିଥିଲେ । ସେହି ସାହାବି ଦ୍ୱୟ ପରସ୍ପରକୁ ଭୋଜନ ଖୁଆଇଲେ ଏବଂ ଏହିପରି ଭବାରେ ମନୋମାଳିନ୍ୟତା ଏବଂ ବୈରାଗ୍ୟ ତଥା ଶତ୍ରୁତା ଦୂରୀଭୂତ ହୋଇଥିଲା । ଆଁହଜରତ ସ.ଅଙ୍କ ଏହି ପନ୍ଥା ଅର୍ଥାତ୍ ସାହାବାମାନଙ୍କ ମଧ୍ୟରେ ପ୍ରେମ, ଭ୍ରାତୃତ୍ୱତା ଏବଂ ସନ୍ଧି ସ୍ଥାପନ କରିବାର ଏକ ଉତ୍କୃଷ୍ଟ ପନ୍ଥା ଥିଲା । ବର୍ଣ୍ଣନାମାନଙ୍କରେ ଆରୋପଣକାରୀଙ୍କ ସଂଖ୍ୟା ବିଭିନ୍ନ ରହିଛି । ହ. ଅବ୍‌ବାସ୍ ର.ଅ ଏକ ବର୍ଣ୍ଣନାରେ ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଆରୋପଣକାରୀଙ୍କୁ ଅର୍ଥାତ୍ ଦୋଷାରୋପଣକାରୀଙ୍କୁ ସଂଖ୍ୟା 3 ବୋଲି ବର୍ଣ୍ଣିତ ହୋଇଛି । ହ. ଅବ୍‌ବାସ୍ ର.ଅଙ୍କ ଆଉ ଏକ ବର୍ଣ୍ଣନା ରହିଛି ଯେଉଁ ବର୍ଣ୍ଣନା ମୁତବାକ ଦୋଷାରୋପଣକାରୀଙ୍କ ସଂଖ୍ୟା 3-10 ପର୍ଯ୍ୟନ୍ତ ଦର୍ଶାଯାଇଛି। ଇବ୍‌ନେ ଉଐନା ସେମାନଙ୍କର ସଂଖ୍ୟା 40 ବୋଲି ଉଲ୍ଲେଖ କରିଛନ୍ତି ଏବଂ ମୁଜାହିଦ୍ ଦୋଷାରୋପଣକାରୀଙ୍କ ସଂଖ୍ୟା 15 ବୋଲି ଦର୍ଶାଇଛନ୍ତି । **(ଅଲ୍ ଜାମେଉଲ୍ ଇହ୍‌କାମୁଲ୍ କୁରଆନ୍, ତଫସିର୍ କର୍ତବି, ଭାଗ-2, ସୁରତୁନ୍ ନୁର୍ ଆୟତ୍ ସଂଖ୍ୟା-12 ଅନୁଯାୟୀ, ପୃ-2169, ଦାର ଇବ୍‌ନେ ହିଜମ୍‌ରୁ ଉଦ୍ଧୃତ)**

ଉଫକ ଘଟଣାରେ ସଂପୃକ୍ତ ଥିବା ଦୋଷୀମାନଙ୍କ ଶାସ୍ତି ସଂପର୍କରେ ବର୍ଣ୍ଣିତ ହୋଇଛି । ସୁନନ୍ ଇବ୍‌ନେ ଅବି ଦାଉଦ୍‌ର ବର୍ଣ୍ଣନା ରହିଛି । ଆପଣ ସ.ଅ ଦୁଇ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଜଣ ପୁରୁଷ ଏବଂ ଗୋଟିଏ ମହିଳା ସଂପର୍କରେ ଦଣ୍ଡ ବିଧାନ କରି ସେମାନଙ୍କୁ ଦଣ୍ଡାଦେଶ ଶୁଣାଇଥିଲେ । ସେମାନେ ଅଶ୍ଳୀଳତା ସଂପର୍କରେ କହିଥିଲେ । ସେହି ଦୁଇଜଣ ପୁରୁଷ ହେଲେ ହ. ହସ୍ସାନ୍ ବିନ୍ ସାବିତ୍ ର.ଅ ଓ ମିସ୍ତାହ୍ ବିନ୍ ଉସାସା । ନୁଫୈଲ୍ କୁହନ୍ତି ଯେ, ଲୋକମାନେ କୁହନ୍ତି ଯେ, ଗୋଟିଏ ମହିଳା ଯାହାକୁ ଦଣ୍ଡିତ କରାଯାଇଥିଲା ସେ ହେଉଛି ହମ୍ନା ବିନ୍ତ୍ ଜହଶ୍ । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ହୁଦୁଦ୍, ବାବ୍ ହଦ୍ଦିଲ୍ କଜାଫା, ହଦିସ୍ ନଂ-4475)**

ଅଲ୍ଲାମା ମାଓର୍ଦ୍ଦି କହିଲେ, ଯେ, ଉଫକ୍ ଘଟଣାବଳୀରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କ ଉପରେ କଟକଣା ଲଗାଇବା ସଂକ୍ରାନ୍ତରେ ମତଭେଦ ରହିଛି । ଏକ କଥନ ଏହିପରି ରହିଛି ଯେ, ନବୀ କରୀମ୍ ସ.ଅ ସେହି ଦୋଷୀମାନଙ୍କ ମଧ୍ୟରୁ କୌଣସି ଦୋଷୀ ଉପରେ କଟକଣା ଲଗାଇଲେ ନାହିଁ । ଅନ୍ୟ ଏକ କଥନ ଏହିପରି ଯେ, ନବୀ କରୀମ୍ ସ.ଅ ଅବ୍ଦୁଲ୍ଲା ବିନ୍ ଉବୈ ବିନ୍ ମିସ୍ତାହ୍ ବିନ୍ ଉସାସା, ହସ୍ସାନ୍ ବିନ ସାବିତ୍ ଓ ହମ୍ନା ବିନ୍ତ୍ ଜହଶ୍ ର.ଅଙ୍କ ଉପରେ କଟକଣା ଲଗାଇଥିଲେ । ଇମାମ୍ କର୍ତ୍ତବି କୁହନ୍ତି ଯେ, ବର୍ଣ୍ଣନାମାନଙ୍କରେ ଯେଉଁ କଥା ବିଖ୍ୟାତ ରହିଛି ଏବଂ ବିଦ୍ୱାନ୍ମାନଙ୍କ ନିକଟରେ ଜଣାଶୁଣା ତାହା ଏହିକି ଯେ, ହସ୍ସାନ୍, ମିସ୍ତାହ୍, ହମ୍ନା ଉପରେ କଟକଣା ଲଗା ଯାଇଥିଲା । କିନ୍ତୁ ଇବ୍ନେ ଅବି ଉପରେ କଟକଣା ଲଗା ଯିବାର ଚର୍ଚ୍ଚା ମିଳେ ନାହିଁ । **(ଅଲ୍ ଜାମିଉଲ୍ ଇହ୍କାମୁଲ୍ କୁରଆନ୍, ତଫ୍ସିର୍ କର୍ତ୍ତବି, ଭାଗ-2, ପୃ-2171-2170)**

ହ. ମୁସ୍ଲେହ୍ ମଉଦ୍ ର.ଅ ଏକ ଖୁତ୍ବାରେ ଏଥି ସଂକ୍ରାନ୍ତରେ ଏହା ବର୍ଣ୍ଣନା କରିଥିଲେ ଯେ, "ହ. ଆଏଶା ର.ଅଙ୍କ ଉପରେ ଦୋଷାରୋପଣ କରିବା ଯୋଗୁଁ ତିନି ଜଣ ବ୍ୟକ୍ତିଙ୍କୁ ଚାବୁକ୍ ପ୍ରହାର କରାଯାଇଥିଲା । ସେହି ତିନି ଜଣ ବ୍ୟକ୍ତିଙ୍କ ମଧ୍ୟରେ ହସ୍ସାନ ବିନ୍ ସାବିତ୍ ର.ଅ ମଧ୍ୟ ଥିଲେ ଯିଏ ଆଁହଜରତ ସ.ଅଙ୍କ ସବୁଠୁ ବଡ଼ କବି ଥିଲେ ଏବଂ ଆଉ ଜଣେ ବ୍ୟକ୍ତି ମିସ୍ତାହ୍ ଥିଲେ । ସେ ହ. ଆଏଶା ର.ଅଙ୍କ ଚଚା ଥିଲେ ଓ ଅବୁ ବକ୍କର ର.ଅଙ୍କ ଖାଲାଙ୍କ ପୁତ୍ର ଭାଇ ଥିଲେ । ସେ ଅର୍ଥାତ୍ ମିସ୍ତାହ୍ ଜଣେ ଅତି ଦରିଦ୍ର ବ୍ୟକ୍ତି ଥିଲେ । ସେ ହ. ଅବୁ ବକ୍କର ର.ଅଙ୍କ ଘରେ ହିଁ ରହୁଥିଲେ ଏବଂ ସେହିଠାରେ ହିଁ ଅର୍ଥାତ୍ ହ. ଅବୁ ବକ୍କର ର.ଅଙ୍କ ଘରେ ହିଁ ଖିଆପିଆ କରୁଥିଲେ । ଆପଣ (ହ. ଅବୁ ବକ୍କ) ର.ଅ ତାଙ୍କ ପାଇଁ ନୂଆ ବସ୍ତ୍ର ତିଆରି କରୁଥିଲେ । ଆଉ ଜଣେ ମହିଳା ତାଙ୍କ ଅର୍ଥାତ୍ ଉପରୋକ୍ତ ଦୁଇ ବ୍ୟକ୍ତି (ହସ୍ସାନ ବିନ ସାବିତ୍, ଓ ମିସ୍ତାହ୍)ଙ୍କ ସହିତ ଥିଲା । ତା'କୁ ମଧ୍ୟ ଶାସ୍ତି ମିଳିଥିଲା ।"

**(ଖୁତ୍ବାତେ ମେହ୍ମୁଦ୍ ର.ଅ, ଭାଗ-18, ପୃ-279-280)**

ହ. ମୁସ୍ଲେହ୍ ମଉଦ୍ ର.ଅ ସୁରାଃ ନୁର୍ର ଆୟତ୍ ସଂଖ୍ୟା 3ରେ ବ୍ୟାଖ୍ୟା କରି ଅବ୍ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍କୁ ଚାବୁକ ପ୍ରହାର କରିବାର ମଧ୍ୟ ଚର୍ଚ୍ଚା କରିଛନ୍ତି। ଉକ୍ତ ଆୟତ୍ରେ ହ. ମୁସ୍ଲେହ୍ ମଉଦ୍ ର.ଅ କୁହନ୍ତି ଯେ, "لِكُلِّ امْرِئٍ مِّنْهُمْ مَّا اكْتَسَبَ مِنَ الْإِثْمِ । **(ଅନନୁର୍:12)** ଅର୍ଥାତ୍ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଯିତିକି ପାପ କରିଥିବ ତା'କୁ ସେତିକି ପରିମାଣ ସ୍ୱରୂପ ଶାସ୍ତି ମିଳିବ; ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ ପୁନଶ୍ଚ କୁହନ୍ତି: وَالَّذِي تَوَلَّىٰ كِبْرَهُ مِنْهُمْ لَهُ عَذَابٌ عَظِيمٌ **(ଅନନୁର୍:12)** ଏବଂ ଯେଉଁ ବ୍ୟକ୍ତି ସବୁଠୁ ବଡ଼ ଉପଦ୍ରବୀ ଓ ହିଂସାକାରୀ ଏବଂ ଯିଏ ଏହି ସମସ୍ତ ଉପଦ୍ରବର ମୁଖ୍ୟ ଅଭିଯୁକ୍ତ ତଥା ଉକ୍ତ ପାପର ବୃହତ୍ ଅଂଶ ପାଇଁ ଦାୟୀ ଥିଲା । ଅର୍ଥାତ୍ ହ. ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍କୁ ଆମ୍ଭେ କେବଳ ଚାବୁକ ପ୍ରହାର କରିବୁ ନାହିଁ । ବରଂ ଆମ୍ଭେ ତାହାକୁ କଠୋର ଶାସ୍ତି ପ୍ରଦାନ କରିବୁ। ସୁତରାଂ ଉକ୍ତ ଚେତାବନୀ ଅନୁଯାୟୀ ଅବ୍ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍କୁ ଶାସ୍ତି ସ୍ୱରୂପ ଚାବୁକ୍ ପ୍ରହାରର ଦଣ୍ଡ ମଧ୍ୟ ଦିଆଯାଇଥିଲା । ପୁନଶ୍ଚ ଅଲ୍ଲାଃତାଲାଙ୍କ ପକ୍ଷରୁ ମଧ୍ୟ ତା'କୁ ଶାସ୍ତି ମିଳିଗଲା । ସେ ରସୁଲ୍ କରୀମ୍ ସ.ଅଙ୍କ ଜୀବନ କାଳ ମଧ୍ୟରେ ହିଁ ତିଳ ତିଳ ହୋଇ ପାଦ ଘଷି ମୃତ୍ୟୁ ବରଣ କଲା ।"

**(ତଫ୍ସିର୍ କବୀର୍, ଭାଗ-8, ପୃ-524)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏଠାରେ ଉପରୋକ୍ତ ପ୍ରସଙ୍ଗ (ଉଫକ୍ ଘଟଣା) ସମାପ୍ତ ହେଲା। ଜର୍ମାନୀ ଜଲ୍ସା ସଂପର୍କରେ ମୁଁ କେବଳ ଏତିକି ହିଁ କହିବି ଯେ, ଆଗନ୍ତୁକ ଅହେମଦି ଓ ଅଣଅହେମଦିମାନେ ଯେଉଁମାନେ ଉକ୍ତ ଜଲ୍ସାରେ ଅଂଶ ଗ୍ରହଣ କରିଥିଲେ କିମ୍ବା ଯେଉଁ ଲୋକମାନେ ପ୍ରଥମ ଥର କରି ଆସିଥିଲେ ସେହି ସମସ୍ତ ଅଂଶଗ୍ରହଣକାରୀମାନେ ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି ଓ ସକାରାତ୍ମକ ମତାମତ ପରିପ୍ରକାଶ କରିଛନ୍ତି । ସେମାନେ ଅତ୍ୟନ୍ତ ପ୍ରସନ୍ନତାର ପରିପ୍ରକାଶ କରିଛନ୍ତି । ପରିବେଶ ଓ ବାତାବରଣର ମଧ୍ୟ ପ୍ରଶଂସା କରିଛନ୍ତି । ସେହିପରି ଗଣମାଧ୍ୟମ ଜରିଆରେ ଓ ଖବର ମାଧ୍ୟମରେ ଲକ୍ଷ ଲକ୍ଷ ଲୋକମାନଙ୍କ ପର୍ଯ୍ୟନ୍ତ ଅହେମଦିୟତ୍ ଏବଂ ଇସ୍ଲାମ୍ ଧର୍ମର ପ୍ରକୃତ ଶିକ୍ଷାର ବାର୍ତ୍ତା ମଧ୍ୟ ପହଞ୍ଚିଛି । ଏହି ଦୃଷ୍ଟିରୁ ଜଲ୍ସା ମଧ୍ୟ ପ୍ରଚାରର ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟି ଯାଇଛି । ଅଲ୍ଲାଃତାଲା ଏହାର ସୁଦୂରପ୍ରସାରୀ ପରିଣାମ ସୃଷ୍ଟି କରନ୍ତୁ ଓ ଅହେମଦିମାନଙ୍କୁ ମଧ୍ୟ ପ୍ରକୃତ ରୂପେ ସର୍ବଦା ତହିଁରୁ ଲାଭାନ୍ୱିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣାନେ ଦୁଆ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ନିଜର କୃପା ଓ ଦୟାର ଚଦର ମଧ୍ୟରେ ସର୍ବାଦ ଆମମାନଙ୍କୁ ଗୁଡ଼ାଇ ରଖନ୍ତୁ । ହୁଜୁର ଅନୱର୍ ଅ.ବ କହିଲେ, ଶେଷରେ ମୁଁ ଏକ ମୃତକଙ୍କର ଚର୍ଚ୍ଚା ମଧ୍ୟ କରିବି । ନମାଜ ଜୁମା ପରେ ତାଙ୍କର ନମାଜ ଯନାଜାଃ ଗାଏବ୍ ପାଠ କରାଇବି। ସେହି ମୃତକମାନେ ହେଲେ ସୁଡ଼ାନର ସ୍ୱର୍ଗତ ଇମାମ୍ ମୁହମ୍ମଦ ବେଲୁ ସାହେବ । ସ୍ୱର୍ଗତ ମୁହମ୍ମଦ୍ ବେଲୁ ସାହେବଙ୍କର ବିଗତ ଦିନରେ ବିୟୋଗ ହୋଇଯାଇଥିଲା। إِنَّا لِلَّهِ وَإِنَّا إِلَيْهِ رَاجِعُونَ । ସୁଡ଼ାନ୍ର ସଦର୍ ସାହେବ ତାଙ୍କ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ମୁହମ୍ମଦ୍ ବେଲୁ ସାହେବଙ୍କ ବୈଅତ୍ର ଘଟଣା ଏହିପରି ଯେ, 1966 ମସିହାରେ ନାଇଜେରିୟାରୁ ଇମାମ୍ ଇସା ଅବ୍ଦୁଲ୍ଲାଃ ବିନ୍ ଲୈଲ୍ ସାହେବ ନାମକ ଜଣେ ଅହେମଦି ତାଙ୍କ ଘରକୁ ଅତିଥି ହୋଇ ଆସିଲେ ଏବଂ ବସ୍ତି ବାସୀନ୍ଦାଙ୍କୁ ତବ୍ଲିଗ୍ କଲେ । ସ୍ୱର୍ଗତ ମୁହମ୍ମଦ୍ ବିନ୍ ବେଲୁଙ୍କୁ ସର୍ବ ପ୍ରଥମେ ବୈଅତ୍ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ସେହି ଦିନମାନଙ୍କରେ ଉପସ୍ଥିତ ଖଲିଫା କିମ୍ବା ମର୍କଜ୍ (କେନ୍ଦ୍ର) ସହିତ ସୁଡ଼ାନ୍ର ସଂପର୍କ ସମ୍ଭବପର ନଥିଲା । କିନ୍ତୁ ଏହି ଅହେମଦି ସଦସ୍ୟବୃନ୍ଦ ଅହେମଦିୟତ୍ ଉପରେ ଦୃଢ ବିଶ୍ୱାସର ସହିତ ଅବିଚଳ ରହିଥିଲେ । ଏମାନଙ୍କୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଇମାମ୍ ମୁହମ୍ମଦ ବେଲୁ ସାହେବ ଅହେମଦିମାନଙ୍କୁ ନମାଜ ପାଠ କରାଉଥିଲେ। ସେଠାରେ ଅହେମଦି ମସ୍ଜିଦ୍ ଘାସ, ଖଡ଼ିକା ଏବଂ ଝାଟି ମାଟି ଦ୍ୱାରା ନିର୍ମିତ ହୋଇଥିଲା । ଉକ୍ତ ମସ୍ଜିଦକୁ ବିରୋଧୀମାନେ ନିଆଁ ଲଗାଇ ଦେଇଥିଲେ ଏବଂ ଅହେମଦିମାନଙ୍କୁ ସେଠାରୁ ବିତାଡ଼ିତ କରି ଦେଇଥିଲେ । ସେହି ଅହେମଦିମାନଙ୍କର କେତେକ ଗୋଷ୍ଠି ସେଠାରୁ ଦୂରକୁ ଚାଲିଗଲା ଏବଂ ଅନ୍ୟ ଏକ ଯେଉଁ ଗୋଷ୍ଠୀ ରହିଥିଲା ତାହା ଡୋଏମ୍ ସହରକୁ ଚାଲି ଯାଇଥିଲା । ସେହି ଗୋଷ୍ଠୀ ମଧ୍ୟରୁ ମୁହମ୍ମଦ ଇମାମ୍ ବେଲୁ ସାହେବ ଅନ୍ୟତମ ବ୍ୟକ୍ତି ଅଟନ୍ତି । ସେଠାରେ ଏହି ନିଷ୍ଠାପର ଅହେମଦି ଅବ୍ଦୁଲ୍ଲାଃ ବିନ୍ ଅୱଜ୍ କାସିମ୍ ସାହେବଙ୍କ ଘରେ ଅତିଥି ହୋଇଥିଲେ। ଅବ୍ଦୁଲ୍ଲାଃ ବିନ୍ ଅୱଜ୍ କାସିମ୍ ସାହେବ ଯାମିଆ ବଖ୍ତୁର୍ ରିଜାର ପ୍ରିଂସିପାଲ୍ (ଅଧ୍ୟକ୍ଷ) ଥିଲେ। କିନ୍ତୁ ତାଙ୍କର ପରିବାରର ବିରୋଧ ପ୍ରଦର୍ଶନ କରାଗଲା ଏବଂ ଅହେମଦିମାନଙ୍କୁ ସେଠାରୁ ବିତାଡ଼ିତ କରିଦିଆଗଲା । ସେଠାରୁ ମଧ୍ୟ ବେଚ୍ରା ଅହେମଦିମାନଙ୍କୁ ବିତାଡ଼ିତ ତଥା ନିର୍ବାସିତ କରିଦିଆଗଲା । ପରିଶେଷରେ ସେ ନାଇଜେରିୟାରରେ ଇମାମ୍ ଇସା ଅବ୍ଦୁଲ୍ଲାଃ ବିନ୍ ଲୈଲ୍ ସାହେବଙ୍କ ନିକଟରେ ଯିବା ପାଇଁ ନିଷ୍ପତ୍ତି ନେଲେ । ଏହି ଅବ୍ଦୁଲ୍ଲାଃ ବିନ୍ ଲୈଲ୍ ସାହେବଙ୍କ ମାଧ୍ୟମରେ ଏହି ଲୋକମାନେ ଅହେମଦି ହୋଇଥିଲେ । ସୁତରାଂ ସେହି ଦୀନ ଦରିଦ୍ର ଅହେମଦିମାନଙ୍କର ଏହି ଯାତ୍ରୀସମୂହ ନିଜର ସ୍ତ୍ରୀ ପିଲା ଛୁଆଙ୍କ ସମେତ ଓ ଗଧ ଏବଂ ଅନ୍ୟାନ୍ୟ ଜୀବମାନଙ୍କ ଉପରେ ଆରୋହଣ ହୋଇ ଅନେକ ଲୋକ ନାଇଜେରିୟା ଅଭିମୁଖେ ପ୍ରସ୍ଥାନ କରିଥିଲେ । ସେମାନଙ୍କ ନିକଟରେ କୌଣସି ପାଥେୟ ନଥିଲା । ଭିଜା ପାସପୋର୍ଟର କାଗଜପତ୍ର ମଧ୍ୟ ନଥିଲା । ଯାତ୍ରାର ଅନେକ ସମସ୍ୟା ରହିଥିଲା । ହଁ ବିଶ୍ୱାସର ଧନ କେବଳ ସେମାନଙ୍କ ପାଖରେ ରହିଥିଲା । ସେମାନେ ନିଜର ବିଶ୍ୱାସକୁ ରକ୍ଷା କରିଥିଲେ । ଏହି ଉତ୍ସାହ ଓ ଆବେଗକୁ ଭିତ୍ତି କରି ସେମାନେ ପ୍ରବାସ କରି ଚାଲିଲେ । କିନ୍ତୁ ସେମାନେ ନିଜର ଧର୍ମର କେବେ ବଳିଦାନ ଦେଇ ନଥିଲେ । ପରିଶେଷରେ ମହୋଦୟ ନାଇଜେରିୟା ପହଞ୍ଚିଲେ ଏବଂ ସେଠାରେ ଇମାମ୍ ଇସା ବିନ୍ ଲୈଲ୍ ସାହବଙ୍କ ପାଖରେ 13 ବର୍ଷ ପର୍ଯ୍ୟନ୍ତ ରହିଲେ । ଏହାପରେ ଇମାମ୍ ଇସା ସାହେବ ନିଜର ଏକ ସ୍ୱପ୍ନ ଯୋଗୁଁ ତାଙ୍କୁ ସୁଡ଼ାନ୍ ଫେରିଯିବାକୁ ପରାମର୍ଶ ଦେଲେ । ଉକ୍ତ କଥା ତାଙ୍କୁ ଭଲ ଲାଗିଲା ନାହିଁ। ତେଣୁ ଇମାମ୍ ଇସା ସାହେବ ତାଙ୍କୁ କହିଲେ, ଆମମାନଙ୍କ ପାଳନକର୍ତ୍ତାଙ୍କ ପକ୍ଷରୁ ଏହି ଆଦେଶ ପ୍ରାପ୍ତ ହୋଇଛି। ତେଣୁ ମନ ନଥିବା ସତ୍ତ୍ୱେ ସୁଡ଼ାନ୍ ଯିବା ନିମନ୍ତେ ସେ ପ୍ରସ୍ତୁତ ହୋଇଗଲେ । ଇମାମ୍ ଇସା ସାହେବଙ୍କୁ ସ୍ୱପ୍ନରେ ଏହା କୁହାଯାଇଥିଲା ଯେ, ଏହି ଲୋକମାନେ ତିନି ବର୍ଷ ପରେ ସୁଡ଼ାନ ଫେରିଯିବେ । ତେଣୁ ତିନି ବର୍ଷ ପୂର୍ତ୍ତି ହେବା ପରେ ଏହି ପ୍ରବାସୀ ଅହେମଦିମାନେ ନିଜ ମାତୃଭୂମିକୁ (ସ୍ୱଦେଶ) ଫେରିଯିବାକୁ ବାହିରିଲେ। ସର୍ବ ପ୍ରଥମେ ଇମାମ୍ ମୁହମ୍ମଦ୍ ବେଲୁ ସାହେବ ସ୍ୱଦେଶ ଫେରିଗଲେ । ସୁଡ଼ାନ୍ରେ ଏହି ଲୋକମାନେ ପ୍ରଥମେ ନିଜର ଗ୍ରାମ କୁନୈରାହ୍

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଯାଇ ଅବସ୍ଥାନ କଲେ। ଉପରୋକ୍ତ କଥା ହେଉଛି 2010 ମସିହାର କଥା । ଏହି ଅହେମଦିମାନଙ୍କର ସୁଡ଼ାନ ପ୍ରତ୍ୟାବର୍ତ୍ତନ ପରେ ନାଇଜେରିୟାରେ ବୋକୋ ହରାମ ନମାକ ଏକ ଆତଙ୍କବାଦୀ ଗୋଷ୍ଠୀ ଉଭା ହେଲା। ଯଦି ଏହି ସୁଡ଼ାନୀ ଅହେମଦି ସେତେବେଳେ ନାଇଜେରିୟାରେ ଥାଆନ୍ତେ ତେବେ ଭଗବାନ ଜାଣନ୍ତି ଏହି ଆତଙ୍କବାଦୀ ଗୋଷ୍ଠୀ ସେମାନଙ୍କ ସହିତ କ'ଣ କରିଥାଆନ୍ତା କେଜାଣି ? ସେମାନେ ସେତେବେଳ ବୁଝିଲେ ଯେ, ନାଇଜେରିୟାରୁ ସେମାନଙ୍କର ପ୍ରତ୍ୟାବର୍ତ୍ତନରେ କ'ଣ ଐଶୀ ରହସ୍ୟ ଗୁପ୍ତ ରହିଥିଲା । ହେଲେ କୁନୈରାହ୍ ଆସିବା ପରେ ସେମାନଙ୍କୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ଅହେମଦିମାନେ ଯେଉଁ ଛୋଟିଆ ମସିଜିଦ୍ ନିର୍ମାଣ କରିଥିଲେ ସେମାଙ୍କର ଉକ୍ତ ମସ୍‌ଜିଦକୁ ପୋଡ଼ି ଦିଆଯାଇଥିଲା । ସେହି ଅହେମଦିଙ୍କ ଘର ଉପରକୁ ଆକ୍ରମଣ କରାଯାଇଥିଲା । ଅହେମଦିମାନଙ୍କ ବିରୁଦ୍ଧରେ ମକଦ୍ଦମା ଦାଏର୍ ହୋଇଥିଲା । ଅହେମଦିମାନଙ୍କୁ ବସ୍ତିରୁ ନିର୍ବାସିତ କରିଦିଆଗଲା । ପରିଶେଷରେ ସାଂପ୍ରତିକ ଯୁଦ୍ଧ ଆରମ୍ଭ ହେଲା ଯଦ୍ଦ୍ୱାରାକି ସୁଡ଼ାନ୍‌ର ସମଗ୍ର ଦେଶର ଅବସ୍ଥା ବିଗିଡ଼ି ଗଲା ଏବଂ ସେଠାରେ କେହି ବି ନିଜକୁ ସୁରକ୍ଷିତ ବୋଲି ମନେକଲା ନାହିଁ । ଏହି ଅହେମଦିମାନେ ମଧ୍ୟ ନିଜର ପ୍ରାଣ ରକ୍ଷା କରିବା ନିମନ୍ତେ ଓ ଶାନ୍ତି ସକାଶେ ସୁଡ଼ାନର ବିଭିନ୍ନ ଅଞ୍ଚରେ ବିକ୍ଷିପ୍ତ ହୋଇଗଲେ । ବର୍ତ୍ତମାନ ମଧ୍ୟ ବିଭିନ୍ନ ସ୍ଥାନମାନଙ୍କରେ ଏହି ଅଭାବ. ଅନଟନ ଏବଂ ଦାରିଦ୍ର୍ୟାବସ୍ଥାର ଜୀବେନ ଅତିବାହିତ କରୁଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ଅନ୍ୟ ଅହେମଦିମାନଙ୍କର ବିଶ୍ୱାସକୁ ମଧ୍ୟ ସୁଦୃଢ଼ କରନ୍ତୁ। ଅଲ୍ଲାଃତାଲା ସେମାନଙ୍କର ପରିସ୍ଥିତିକୁ ମଧ୍ୟ ପରିବର୍ତ୍ତନ କରି ଦିଅନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ ଯେପିରିକ ମୁଁ କହିଲି, ଦେଶରେ ଅରାଜକତା ବ୍ୟାପିଛି । ଅଲ୍ଲାଃତାଲା ଉକ୍ତ ଉପଦ୍ରବକୁ ଦରୀଭୂତ କରି ଦିଅନ୍ତୁ । ସେମାନେ ପରସ୍ପରର କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ । ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କରେ ଯେଉଁ ଉପଦ୍ରବ, ବିଶୃଙ୍ଖଳା ଏବଂ ଅରାଜକତା ଲାଗି ରହିଛି ଅଲ୍ଲାଃତାଲା ସେସବୁକୁ ଦୂର କରି ଦିଅନ୍ତୁ। ଅଲ୍ଲାଃତାଲା ଅହେମଦିମାନଙ୍କୁ ପ୍ରକୃତ ରୂପେ ଜୀବନ ଅତିବାହିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **(ଅଲ୍ ଫଜଲ୍ ଇଣ୍ଟନେସନାଲ୍, ସେପ୍ଟେମ୍ବର୍ ମାସ 20 ତାରିଖ, 2024 ମସିହା, ପୃ-2-6 )** ☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ.....

ତାହାଙ୍କ ନିକଟରେ ପହଞ୍ଚେ । ବସ୍ତୁତଃ ଏହିପରି ଭାବେ ଅଲ୍ଲାଃତାଲା ସେମାନଙ୍କୁ ତୁମମାନଙ୍କ ସେବାରେ ନିୟୋଜିତ କରିଛନ୍ତି ଯାହା ଫଳରେ କି ତୁମେମାନେ ଅଲ୍ଲାଃତାଲାଙ୍କର ମହିମାଗାନ କରିବ । କାରଣ ସେ ତୁମମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରାଇଛନ୍ତି ଏବଂ ଇସ୍‌ଲାମ୍ ଧର୍ମର ବିଧି ବିଧାନଗୁଡ଼ିକୁ ସଂପୂର୍ଣ୍ଣ ରୂପେ ପାଳନ କରୁଥିବା ପୁଣ୍ୟବାନ୍ ସଦାଚାରୀ ବ୍ୟକ୍ତିମାନଙ୍କୁ ତୁମ୍ଭେ ସୁସମାଚାର ପ୍ରଦାନ କର।" ସୁତରାଂ ଉପରୋକ୍ତ ଉଦ୍ଦେଶ୍ୟ ନରଖି ଯଦି କୁର୍ବାନୀ ଅର୍ଥାତ୍ ଜୀବର ବଳିଦାନ କରାଯାଏ ବା ଜୀବକୁ ଜେବହ୍ କରାଯାଏ ତେବେ ତାହା ଫଳପ୍ରଦ ହେବ ନାହିଁ । ଅନ୍ୟଥା ତୁମମାନଙ୍କ ଦ୍ୱାରା ମାଂସ ଭକ୍ଷଣ କରିବା ଓ ରକ୍ତପାତ କରିବାର ଯେଉଁ କାର୍ଯ୍ୟ ସମ୍ପାଦନ ହୋଇଛି ତାହାର କୌଣସି ପ୍ରକୃତ ଲାଭ ନାହିଁ । **(ତଫ୍‌ସିର୍ କବିର୍ ଭାଗ-6, ପୃ-56, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)**

☆-☆-☆

## ବିଗତ ସଂଖ୍ୟା-39ର ପୃ-12ରେ ବର୍ଣ୍ଣିତ ଖୁତବା ଜୁମା 05-01-2024ର ଅବଶିଷ୍ଟାଂଶ.....

ଆଜି ଅଲ୍ଲାଃତାଲାଙ୍କ କୃପାରୁ ଆମେମାନେ ଅହେମଦି ଅଛେ ଯେଉଁମାନେ ଧର୍ମ ସକାଶେ ଆର୍ଥିକ ବଳିଦାନ ଦେବାର ମହତ୍ତ୍ୱକୁ ଭଲ ଭାବରେ ହୃଦୟଙ୍ଗମ କରୁଛନ୍ତି। ଅହେମଦିମାନେ ଶିଶିର ବା ହିମ (କାକର) ପରି କିଛି କିଛି ଆର୍ଥିକ ବଳିଦାନ ଦେଇଥାଆନ୍ତି । ଫଳତଃ ଅଲ୍ଲାଃତାଲା ସେମାନଙ୍କ ଦ୍ୱାରା ଦିଆଯାଇଥିବା ଆର୍ଥିକ ବଳିଦାନର ବୃକ୍ଷରେ ଫଳ ଲଗାଇ ଥାଆନ୍ତି । ଅର୍ଥାତ୍ ସେମାନଙ୍କ ବଳିଦାନ ଫଳପ୍ରସୂ ହୋଇଥାଏ । ଜମାଅତ୍‌ର ଉନ୍ନତି ଓ ଜମାଅତ୍‌ର ବିକାଶ ଉକ୍ତ ବଳିଦାନର ଜ୍ୱଳନ୍ତ ସାକ୍ଷ୍ୟ ଅଟେ । ଦରିଦ୍ର ଲୋକମାନେ ଯେଉଁମାନେ ସାଧାରଣ ବଳିଦାନ ଦେଇ ଥାଆନ୍ତି ଏବଂ ଅଲ୍ଲାଃତାଲା ସେହି ବଳିଦାନର ବୃକ୍ଷକୁ ଫଳନ୍ତି ବୃକ୍ଷରେ ପରିଣତ କରିଦିଅନ୍ତି । ପ୍ରାୟତଃ ଏହା ଦେଖିବାକୁ ମିଳିଛି ଯେ, ଗରିବ ଲୋକମାନେ ବିଶେଷ କରି ଗରିବ ଅହେମଦିମାନେ ସ୍ୱଳ୍ପ ସାଧନ ସତ୍ତ୍ୱେ ଅଧିକ ବଳିଦାନ ଦେଇଥାଆନ୍ତି। ଏହାର ଅନେକ ଉଦାହରଣମାନ ରହିଛି ଯାହାକୁ ମୁଁ ବେଳେବେଳେ ଖୁତବାରେ ବର୍ଣ୍ଣନା ମଧ୍ୟ କରିଥାଏ । ସୁତରାଂ ଉକ୍ତ ମର୍ମକୁ ଉପଲବ୍ଧି କରି ଆଜି ମୁଁ ବଳିଦାନ ସଂପର୍କରେ କେତେକ ଘଟଣାବଳୀ ଉପସ୍ଥାପିତ କରିବି । ଏହି ଅଭାବି ଦରିଦ୍ର ଅହେମଦିମାନଙ୍କ ବଳିଦାନର ଉଦାହରଣ ଅଧିକାଂଶ ଧନବାନ୍ ଅହେମଦିମାନଙ୍କ ନିମନ୍ତେ ଧ୍ୟାନ ଆକର୍ଷଣକାରୀ ସାବ୍ୟସ୍ତ ହେଉ । ସେହି ଧନବାନ୍ ବ୍ୟକ୍ତିମାନେ ନିଜର ସ୍ତରକୁ ଦେଖନ୍ତୁ ଯେ, ସେମାନେ କେଉଁ ସ୍ତରରେ ଅଛନ୍ତି ? ଜଣେ ଅଭାବି ଅହେମଦି ଯେତେବେଳେ ଆର୍ଥିକ ବଳିଦାନ କରେ ସେତେବେଳେ ସେ ନିଜର ଆତ୍ମା ସହିତ ଜିହାଦ୍ ଅର୍ଥାତ୍ ଯୁଦ୍ଧ କରିଥାଏ । ଆଫ୍ରିକାରେ ଏପରି ଅନେକ ବଳିଦାନକାରୀ ଅହେମଦିମାନେ ଅଛନ୍ତି, ପାକିସ୍ତାନରେ ଏପରି ଅନେକ ବଳିଦାନକାରୀମାନେ ଅଛନ୍ତି, ଭାରତରେ ମଧ୍ୟ ଏପରି ବଳିଦାନକାରୀ ଅହେମଦି ଅଛନ୍ତି ଯେଉଁମାନେ ନିଜର ରୁଟି ଏବଂ ଅନ୍ନର ବଳିଦାନ ଦେଇ ଏବଂ ନିଜେ ଭୋକ ଉପାସ ରହି ଆର୍ଥିକ ବଳିଦାନ କରୁଛନ୍ତି । ନିଜେ ଏବଂ ନିଜର ସନ୍ତାନ ଅସୁସ୍ଥ ହେବା ସ୍ଥଳେ ଓ ନିଜର ତଥା ନିଜ ସନ୍ତାନମାନମଙ୍କ ଔଷଧ ପତ୍ରରେ ଅର୍ଥ ବ୍ୟୟ କରିବା ପରିବର୍ତ୍ତେ ସେହି ଅର୍ଥକୁ ସେମାନେ ଚାନ୍ଦାରେ ପୈଠ କରିବା ନିମନ୍ତେ ଅଗ୍ରାଧିକାର ଦେଉଛନ୍ତି । ଅତଏବ୍ ଅଲ୍ଲାଃତାଲା ଏପରି ବଳିଦାନ କରିଥିବା ବ୍ୟକ୍ତିମାନଙ୍କୁ କେବଳ ପୁରସ୍କୃତ ବା ସମ୍ମାନିତ କରି ଛାଡ଼ନ୍ତି ନାହିଁ ବରଂ ବେଳେବେଳେ ଏତେ ଶୀଘ୍ର ଅଲ୍ଲାଃତାଲାଙ୍କ କୃପାର ପାତ୍ର ହୋଇଯାଆନ୍ତି ଯେ, ଏହାକୁ ଦେଖି ଆଶ୍ଚର୍ଯ୍ୟଚକିତ ହେବାକୁ ପଡ଼େ । ସୁତରାଂ ଉକ୍ତ କଥା ସେମାନଙ୍କ ନିମନ୍ତେ ବିଶ୍ୱାସରେ ଆଧିକ୍ୟତାର କାରଣ ହୋଇଥାଏ ।

ସୁତରାଂ ଉକ୍ତ କଥା କେବେ କୌଣସି ଅହେମଦି ବ୍ୟକ୍ତିର ମନରେ ଉତ୍ପନ୍ନ ହେବା ଉଚିତ୍ ନୁହଁ ଯେ, ଅଲ୍ଲାଃତାଲା ମାର୍ଗରେ ସଦ୍‌ହୃଦୟର ସହିତ ଦିଆଯାଇଥିବା ବଳିଦାନ ଏବଂ ବଳିଦାନକାରୀକୁ ଅଲ୍ଲାଃତାଲା ସମ୍ମାନିତ କରନ୍ତି ନାହିଁ । ଅଲ୍ଲାଃତାଲାଙ୍କ ନିଧି ଅସୀମିତ ଅଟନ୍ତି । ଅଲ୍ଲାଃତାଲାଙ୍କୁ ଆମମାନଙ୍କର ଚାନ୍ଦାର ପଇସା ଆବଶ୍ୟକ ନାହିଁ। ଏହି ବଳିଦାନ ଅଲ୍ଲାଃତାଲା ନିଜ ଭକ୍ତମାନଙ୍କ ଠାରୁ ଆଶା କରନ୍ତି ତାହା ଏଇଥିପାଇଁ ଯେ, ସେ ଆମମାନଙ୍କୁ ନିଜ କୃପାର ଅଧିକାରୀ କରିବେ ଏବଂ ଏଥି ନିମନ୍ତେ ସେ ଆମମାନଙ୍କୁ ସୁଯୋଗ ପ୍ରଦାନ କରିଥାଆନ୍ତି ।

ହ. ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍‌ରେ ଉକ୍ତ ବଳିଦାନର ଆତ୍ମା ଏପରି ସୃଷ୍ଟି କରିଛନ୍ତି ଯେ, ଆପଣ ସ.ଅଙ୍କ କାଳରୁ ନେଇ ଆଜି ପାର୍ଯ୍ୟନ୍ତ ଏହି ଦୃଶ୍ୟକୁ ଆମେମାନେ ଅବଲୋକନ କରିଥାଉ । ଅର୍ଥାତ୍ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ଆବଶ୍ୟକତାକୁ ପଛରେ ଫିଙ୍ଗି ଦେଇ ଜମାଅତ୍‌ର ଆବଶ୍ୟକତା ନିମନ୍ତେ ନିଜର ବଳିଦାନ ଉପସ୍ଥାପିତ କରିଥାଆନ୍ତି । ଅତଃ ଏହି ପନ୍ଥା ହିଁ ଉନ୍ନତି କରୁଥିବାର ଜାତିର ପନ୍ଥା ଅଟେ । ଏହି ବଳିଦାନ ଦ୍ୱାରା ଅଲ୍ଲାଃତାଲା ପୁଣି ନିଜର କୃପାବର୍ତ୍ତୀର୍ଣ୍ଣ କରିଆନ୍ତି। ଉପରୋକ୍ତ କଥାକୁ ସ୍ୱୀକାର କରୁଥିବା ବ୍ୟକ୍ତିମାନେ ଏଥି ସଂକ୍ରାନ୍ତରେ ଅବବୋଧ ଅଟନ୍ତି ଯେଉଁ ପ୍ରସଙ୍ଗ ସଂପର୍କରେ ଆଁହଜରତ ସ.ଅ କହିଥିଲେ । ଅର୍ଥାତ୍ ଯଦି ତୁମମାନଙ୍କୁ ଫାଳେ ଖଜୁରୀ କୋଳି ଈଶ୍ୱରଙ୍କ ମାର୍ଗରେ ବ୍ୟୟ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୁଏ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ସେହି ଫାଳେ ଖଜୁରୀ କୋଳି ଦେଇ ନର୍କାଗ୍ନିରୁ ନିଜକୁ ସୁରକ୍ଷିତ କିରିନିଅ । **(ସହିଉଲ୍ ବୁଖାରୀ, କିତାବୁଜ୍ ଜକାତ୍, ବାବୁତ୍ ତକ୍‌ୱନ୍ ନାର୍ ୱଲୌ ବିଶକ୍କି ତମ୍‌ରତିନ୍, ହଦିସ୍ ନଂ-1417)**

ନିଃସନ୍ଦେହ ତୁମର ଯଦି ଫାଳେ ଖଜୁରୀ କୋଳି ଦେବାକୁ ସାମର୍ଥ୍ୟ ଥାଏ ତେବେ ଦିଅ । ଏହି ଫାଳେ ଖଜୁରୀ କୋଳିକୁ ଦେଇ ତୁମେମାନେ ନର୍କାଗ୍ନିରୁ ବର୍ତ୍ତି ପାରିବ। ଆପଣ ସ.ଅ ପୁନଶ୍ଚ କହିଲେ, ତୁମେମାନେ ସର୍ବଦା କାର୍ପଣ୍ୟତା (କୃପଣତା)ରୁ ବର୍ତ୍ତିବାକୁ ଚେଷ୍ଟା କର । ଏହି କାର୍ପଣ୍ୟତା ହିଁ ପୂର୍ବ ଜାତିମାନଙ୍କର ପ୍ରଭୂତ ଧ୍ୱଂସ ସାଧନ କରିଥିଲା । **(ସୁନନ୍ ଅବି ଦାଉଦ୍, କିବାତୁବଜ୍ ଜକାତ୍, ବାବ୍-ଫିଶ୍ ଶାହ୍, ହଦିସ୍ ନଂ-1698)**

ସାହାବାମାନଙ୍କର ଅବସ୍ଥା ଏପରି ଥିଲା କି ଆଁହଜରତ ସ.ଅ ଯେତେବେଳେ ଆର୍ଥିକ ବଳିଦାନ ନିମନ୍ତେ ସେମାନଙ୍କୁ ଆହ୍ୱାନ ଦେଉଥିଲେ ସେତେବେଳେ ଆମେମାନେ ବଜାରକୁ ଯାଉଥିଲୁ, ମୂଲ ଲାଗୁଥିଲୁ ଏବଂ ସାମାନ୍ୟ ମଜୁରୀ ବି ମିଳୁଥିଲା ତେବେ ଆମେ ସେହି ଉପାର୍ଜିତ ମଜୁରୀ ଆଣି ଆଁଜରତ୍ ସ.ଅଙ୍କ ସେବାରେ ଉପସ୍ଥାପିତ କରି ଦେଉଥିଲୁ । **(ସହିଉଲ୍ ବୁଖାରୀ, କିତାବୁଜ୍ ଜକାତ୍, ବାବୁତ୍ ତକ୍‌ୱନ୍ ନାର୍ ୱଲୌ ବିଶକ୍କି ତମ୍‌ରତିନ୍, ହଦିସ୍ ନଂ-1416)**

ଏହିପରି ବଳିଦାନକାରୀମାନଙ୍କୁ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ହ.ମସିହ୍ ମଉଦ୍ ଅ.ସଙ୍କୁ ପ୍ରଦାନ କରିଛନ୍ତି । ଏହି ବଳିଦାନକାରୀଙ୍କ ଅସଂଖ୍ୟ ଉଦାହରଣ ରହିଛି । ଇତିହାସରେ ଏପରି ଭାଇମାନଙ୍କର ଚର୍ଚ୍ଚା ମିଳେ ଯେଉଁମାନେ ଏଭଳି ବଳିଦାନ କଲେ ଯେ, ଏହାକୁ ଦେଖି ମନୁଷ୍ୟ ଆଶ୍ଚର୍ଯ୍ୟ ଓ ବିସ୍ମିତ ଭାବ ପ୍ରକାଶ କରିଥାଏ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ସେହି ବଳିଦାନକାରୀଙ୍କ ଚର୍ଚ୍ଚା କରିଛନ୍ତି । ଆପଣ ଅ.ସ କୁହନ୍ତି: "ମୁଁ ନିଜ ଜମାଅତ୍‌ର ପ୍ରେମ ତଥା ନିଷ୍ଠାକୁ ଦେଖି ବିସ୍ମିତ ହୁଏ ଯେ, ଏହି ଲୋକମାନଙ୍କ ମଧ୍ୟରୁ ଅତ୍ୟନ୍ତ ସ୍ୱଳ୍ପ ଜୀବିକା ଉପାର୍ଜନ କରୁଥିବା ବ୍ୟକ୍ତିମାନେ ଯେପରିକି ମିଆଁ ଜମାଲୁଦ୍ଦୀନ, ଖୈରୁଦ୍ଦୀନ, ଇମାମୁଦ୍ଦୀନ କାଶ୍ମୀରୀ ଇତ୍ୟାଦି ମୋ ଗାଁ ନିକଟବର୍ତ୍ତୀ ବାସୀନ୍ଦା ଅଟନ୍ତି । ଏହି ତିନିଜଣ ଅହେମଦି ଭାଇମାନେ ଅତି କଷ୍ଟରେ ତିନି ଅଣା କିମ୍ବା ଚାରି ଅଣା ମଜୁରୀ ଲାଗି ଅର୍ଥ ଉପାର୍ଜନ କରନ୍ତି । କିନ୍ତୁ ଉତ୍ସାହପୂର୍ଣ୍ଣ ଏବଂ ପ୍ରତିସ୍ପର୍ଦ୍ଧିତ ମନୋଭାବ ରଖି ଏମାନେ ମାସିକ ଚାନ୍ଦାରେ ସାମିଲ୍ ଅଛନ୍ତି । ସେମାନଙ୍କର ବନ୍ଧୁ ମିଆଁ ଅବ୍‌ଦୁଲ୍ ଅଜିଜ୍ ପଟ୍‌ୱାରୀଙ୍କ ନିଷ୍ଠାକୁ ଦେଖି ମଧ୍ୟ ଆଶ୍ଚର୍ଯ୍ୟ ଚକିତ ଅଟେ ଯେ, ସ୍ୱଳ୍ପ ଅର୍ଥ ଏବଂ ସ୍ୱଳ୍ପ ରୋଜଗାର ସତ୍ତ୍ୱେ ଦିନେ ସେ 100/- ଟଙ୍କା ଆଣି ଦେଇ ଯାଇଥିଲେ । ସେହି ବନ୍ଧୁ କହିଲେ, ମୁଁ ଚାହୁଁଛି ଯେ, ମୋର ଏହି ଟଙ୍କା ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ ହୋଇଯାଉ । ସେହି ଦରିଦ୍ର ବ୍ୟକ୍ତିକୁ ଶହେ ଟଙ୍କା ସଞ୍ଚୟ କରିବାକୁ ଅନେକ ବର୍ଷ ଲାଗିଥିବ ଏବଂ ବହୁ ବର୍ଷ ପରେ ସେ ଉକ୍ତ ଶହେ ଟଙ୍କ ଏକତ୍ରିତ କରିଥିବ । କିନ୍ତୁ ଐଶୀ ଉତ୍ସାହ ଓ ଈଶ୍ୱରଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ସକାଶେ ସେ ଉତ୍ସାହିତ ହୋଇ ଉକ୍ତ ଟଙ୍କା ପ୍ରଭୁଙ୍କ ମାର୍ଗରେ ବ୍ୟୟ କରିଦେଇଛି ।" **(ଜମିମା ରିସାଲା ଅଞ୍ଜାମେ ଆଥମ୍, ରୁହାନୀ ଖଜାଏନ୍, ଭାଗ-11, ପୃ-313-314)**

ଅତଏବ୍ ଜମାଅତର ଇତିହାସରେ ଏହି ବଳିଦାନକାରୀମାନଙ୍କ ସୁରକ୍ଷିତ

ଭାବରେ ଲିପିବଦ୍ଧ ହୋଇଯାଇଛି । ଏହି ଲୋକମାନେ ଈଶ୍ୱରଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ଉତ୍ସାହ ଓ ଉନ୍ମାଦନା ନିଜ ମନ ଭିତରେ ପୋଷଣ କରୁଥିଲେ । ସେମାନେ ପଛେ ସାଧାରଣ ବଳିଦାନ ଦେଇ ଥାଆନ୍ତୁ ପଛେ ଅବା ଅଧିକ ବଳିଦାନ ଦେଇ ଥାଆନ୍ତୁ । ସେମାନଙ୍କର ନାମ ମସିହ୍ ମଉଦ୍ ଅ.ସଙ୍କ ମିଶନ୍‌ର ସହାୟକଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲା ଏବଂ ଇତିହାସରେ ଏହା ଲିପିବଦ୍ଧ ହୋଇଗଲା । ହୁଜୁର ଅ.ସ କହିଲେ, ମୁଁ ଆଉ ଜଣେ ବୟସ୍କ ମୁରବୀ ଅହେମଦିଙ୍କ ଚର୍ଚ୍ଚା କରିଦେବାକୁ ଚାହୁଁଛି । ଏହି ଅହେମଦି ଜଣକ ଦରିଦ୍ର ଏବଂ ଶାରୀରୀକ ରୂପେ ଅକ୍ଷମ ବ୍ୟକ୍ତି ଅଟନ୍ତି । ତାଙ୍କର ନାମ ହାଫିଜ୍ ମୁଇନୁଦ୍ଦୀନ୍ ସାହେବ୍ ଥିଲା । ତାଙ୍କର ସ୍ୱଭାବରେ ଉତ୍ସାହ ରହିଥିଲା ଯେ, ସେ ଜମାଅତ୍‌ର ସେବା କରିବେ। ଏଥି ନମିନ୍ତେ ସେ ବଳିଦାନ ଦେବା ନିମନ୍ତେ ଉତ୍ସାହୀ ଥିଲେ । କିନ୍ତୁ ଅତ୍ୟନ୍ତ ଅଭାବ ଓ ଅନଟରେ ସେ ନିଜର ଗୁଜୁରାଣ ମେଣ୍ଟାଉଥିଲେ । ସେ ଅକ୍ଷମ ହେବା ଯୋଗୁଁ ସେ କିଛି କାମ ମଧ୍ୟ କରୁ ନଥିଲେ ଏବଂ ତାଙ୍କର କୌଣସି ବ୍ୟବସାୟ ମଧ୍ୟ ନଥିଲା। ଲୋକମାନେ ହ. ମସିହ୍ ମଉଦ୍ ଅ.ସଙ୍କର ପୁରୁଣା ସେବକ ମନେକରି କିଛି ଉପହାର ସେମାନଙ୍କୁ ଦେଉଥିଲେ । କିନ୍ତୁ ହାଫିଜ୍ ସାହେବଙ୍କ ଏହି ନୀତୀ ରହିଥିଲା ଯେ, ତାଙ୍କୁ ଏହି ପ୍ରକାରରେ ଯେଉଁ ଅର୍ଥ ଉପହାର ସ୍ୱରୂପ ପ୍ରାପ୍ତ ହେଉଥିଲା ସେ ସେହି ଅର୍ଥକୁ କେବେ ବି ନିଜର ବ୍ୟକ୍ତିଗତ ଆବଶ୍ୟକତା ପାଇଁ ବ୍ୟୟ କରୁ ନଥିଲେ। ବରଂ ସେହି ଅର୍ଥକୁ ସେ ସେବା ନିମନ୍ତେ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଉପସ୍ଥାପିତ କରି ଦେଉଥିଲେ ଏବଂ ଏପରି କେବେ କୌଣସି ଆହ୍ୱାନ ହ. ମସିହ୍ ମଉଦ୍ ଅ.ସଙ୍କ ପକ୍ଷରୁ ହୋଇ ନଥିଲା ଯହିଁରେ ମହୋଦୟ ଅଂଶ ଗ୍ରହଣ କରି ନଥିବେ । ସେ ପଛେ ଟଙ୍କା ଟିଏ ଦେଇ ଆହ୍ୱାନରେ ଭାଗ ନେଇ ଥାଆନ୍ତୁ ପଛେ । କିନ୍ତୁ ସେ ପ୍ରତ୍ୟେକ ଆହ୍ୱାନରେ ଭାଗ ନେଉଥିଲେ । ମହୋଦୟଙ୍କ ଅବସ୍ଥାନୁଯାୟୀ ଏହି ସାଧାରଣ ବଳିଦାନ ମଧ୍ୟ ଅତି ସାଧାରଣ ବଳିଦାନ ଥିଲା । ବେଳେବେଳେ ଏହା ମଧ୍ୟ ହେଉଥିଲା ଯେ, ହାଫିଜ୍ ସାହେବ ଭୋକିଲା ବା ଉପାସ ରହି ମଧ୍ୟ ସେବା ସମ୍ପାଦନ କରୁଥିଲେ । **(ଅସ୍‌ହାବେ ଅହେମଦ୍, ଭାଗ-13, ପୃ-293ରୁ ଆନୀତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଲୋକମାନେ ହେଉଛନ୍ତି ସେହିମାନେ ଯେଉଁମାନେ ପ୍ରଭୁଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ସବୁ କିଛି ଉତ୍ସର୍ଗ କରିବା ନିମନ୍ତେ ସର୍ବଦା ତତ୍ପର ରହୁଥିଲେ । ସେହି ଲୋକମାନଙ୍କର ବଳିଦାନକୁ ମଧ୍ୟ ଅଲ୍ଲାଃତାଲା ପ୍ରେମ ଦୃଷ୍ଟିରୁ ଦେଖିଲେ ଏବଂ ସେମାନଙ୍କ ବଳିଦାନର ଫଳ ବୃକ୍ଷରେ ଲାଗିଲା । ଉକ୍ତ ଫଳକୁ ଆଜି ସେମାନଙ୍କର ବଂଶଧରମାନେ ମଧ୍ୟ ସେବନ କରୁଛନ୍ତି । ସୁତରାଂ ସେହି ଲୋକମାନେ ଯେଉଁମାନେ ପୂର୍ବ ପୁରୁଷଙ୍କ ଏବଂ ସାହାବାମାନଙ୍କର ସନ୍ତାନ ସନ୍ତତି ଅଟନ୍ତି ସେମାନେ ସର୍ବଦା ଉକ୍ତ କଥାକୁ ସ୍ମରଣ ରଖନ୍ତୁ ଯେ, ଆଜି ଯଦି ସେମାନଙ୍କ ଉପେରେ ଅଲ୍ଲାଃତାଲା ନିଜେର କୃପାବତୀର୍ଣ୍ଣ କରୁଛନ୍ତି ତେବେ ତାହା ସେହି ଲୋକମାନଙ୍କର ବଳିଦାନ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି ।

ଅଲ୍ଲାଃତାଲା ଯେଉଁ ଲୋକମାନେ ପ୍ରାଚୁର୍ଯ୍ୟତା ଏବଂ ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ କରିଛନ୍ତି ସେମାନଙ୍କୁ ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ଯେ, ସେମାନଙ୍କ ପୂର୍ବ ପୁରୁଷମାନଙ୍କର ଯେଉଁ ମାନସିକତା ରହିଥିଲା କ'ଣ ସେମାନେ ସେହି ମାନସିକତାର ସହିତ ଜମାଅତ୍‌ର ସେବା ନିମନ୍ତେ ହ. ମସିହ୍ ମଉଦ୍ ଅ.ସଙ୍କ ମିଶନକୁ ଆଗକୁ ଆଗେଇ ନେବା ନିମନ୍ତେ ବଳିଦାନର ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ନିମନ୍ତେ ଉଦ୍ୟମ କରୁଛନ୍ତି କି ? ଆଜି ମଧ୍ୟ ଜମାଅତ୍ ଅହେମଦିୟାରେ ଅଭାବିମାନଙ୍କର ସଂଖ୍ୟା ଅଧିକ ରହିଛି । ଏହି ଅଭାବି ଅହେମଦିମାନେ ହିଁ ବଳିଦାନର ସର୍ବୋଚ୍ଚ ସ୍ତର ସ୍ଥାପନ କରିଥାଆନ୍ତି । ଅତଏବ୍ ଜମାଅତ୍‌ରେ ଯେଉଁମାନଙ୍କର ଉପାର୍ଜନ କରିବାର ସ୍ତର ସର୍ବୋଚ୍ଚ ଏବଂ କ୍ଷମତା ଅଧିକ ରହିଛି ତେବେ ସେମାନଙ୍କୁ ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ । ଯେଉଁ ବଳିଦାନ ନିଷ୍ଠାପୂର୍ବକ ଭାବରେ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଉଦ୍ଦେଶ୍ୟର କରାଯାଇଥିବ ସେହିପରି ବଳିଦାନକୁ ଅଲ୍ଲାଃତାଲା ସମ୍ମାନ ଜଣାନ୍ତି ।

ଯେପରିକି ଏକ ଅବସରରେ ଆଁହଜରତ ସ.ଅ କହିଥିଲେ, ଆଜି ଏକ ଦିରହମ୍ ଏକ ଲକ୍ଷ ଦିରହମ୍ ତୁଳନାରେ ଆଗେଇ ଯାଇଛି । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ତାହା କିପରି ? ଆଁହଜରତ ସ.ଅ କହିଲେ, ଜଣେ ବ୍ୟକ୍ତି ପାଖରେ ଦୁଇ ଦିରହମ୍ ଥିଲା । ସେ ଗୋଟିଏ ଦିରହମ୍‌ର ବଳିଦାନ ଦେଇ ଦେଲା । ଏହାର ବିପରୀତ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅସଂଖ୍ୟ ଧନ ସମ୍ପତ୍ତି ରହିଥିଲା । ସେହି ଧନ ସମ୍ପତ୍ତି ମଧ୍ୟରୁ ଉକ୍ତ ଧନାଢ୍ୟ ବ୍ୟକ୍ତି ଜଣକ ଏକ ଲକ୍ଷ ଦିରହମ୍ ବଳିଦାନ ଦେଲା । **(ସୁନନୁନ୍ ନିସାଇ, କିତାବୁଜ୍ ଜୁହୋଦ୍, ବାବ୍-ଜୁହ୍‌ଦୁଲ୍ ମୁକଲ୍ଲି, ହଦିସ୍ ନଂ-2528)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରକାଶ୍ୟ ରୂପେ କହିବାକୁ ଗଲେ ଏକ ଲକ୍ଷ ଦିରହମ୍ ବହୁତ ବଡ଼ ଅର୍ଥ ଅଟେ । କିନ୍ତୁ ଏହା ଅଭାବିର ବଳିଦାନକାରୀର ଉତ୍ସାହ ତୁଳନାରେ ସେହି ଏକ ଲକ୍ଷ ଦିର୍‌ହମ୍‌ର ଅଲ୍ଲାଃତାଲାଙ୍କ ନିକଟରେ କୌଣସି ମୂଲ୍ୟ ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ଲୋକମାନେ ଏହା କୁହନ୍ତି ଯେ, ଜମାଅତ୍ ଗରିବ ଲୋକମାନଙ୍କ ଠାରୁ ଚାନ୍ଦା ନିଏ । କେତେକ ଲୋକମାନେ ମୋତେ ମଧ୍ୟ ବେଳେବେଳେ ଏପରି ପତ୍ର ଲେଖି ଥାଆନ୍ତି । ଏହି ଲୋକମାନଙ୍କ ମନରେ ପ୍ରକୃତରେ ନିଚ୍ଚତା ରହିଛି । ସେମାନଙ୍କର ନିଜସ୍ୱ ସାଂସାରିକ ପ୍ରାଧାନ୍ୟତା ରହିଛି ଏବଂ ସେମାନେ ନିଜର ଆକାଂକ୍ଷା ଏବଂ ଅଭିଳାଷାକୁ ଚରିତାର୍ଥ କରିବା ନିମନ୍ତେ ଅନ୍ୟମାନଙ୍କର ନାମ ନେଇ ଥାଆନ୍ତି ।

ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌ର ସଂଖ୍ୟାଗରିଷ୍ଠ ଅହେମଦିମାନେ ଏପରି ଅଟନ୍ତି ଯେ, ସେମାନେ ବଳିଦାନକାରୀ ଅଟନ୍ତି । ଆଁହଜରତ ସ.ଅଙ୍କ ସାହାବାମାନଙ୍କର ବଳିଦାନକୁ ଦୃଷ୍ଟି ସମ୍ମୁଖରେ ରଖି ନିଜେ କିଛି ନକହି ବଳିଦାନ ଦେବା ଉଚିତ୍ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ନିଷ୍ଠାବାନ୍ ବ୍ୟକ୍ତିମାନଙ୍କ ବଳିଦାନର ଆଦର୍ଶ ଉପରେ କାର୍ଯ୍ୟାନସରଣ କରି ଆଜି ମଧ୍ୟ ଏପରି ଅନେକ ଉଦାହରଣ ରହିଛି ଯାହା ଆମେମାନଙ୍କୁ ଦୃଶ୍ୟମାନ ହୋଇଥାଏ । ଯେପରି ମୁଁ କହିଲି, ରିପୋର୍ଟରେ ମୁଁ ଚର୍ଚ୍ଚା ମଧ୍ୟ କରିଥାଏ । ନୈଷ୍ଠିକ ଅହେମଦି ଆଶ୍ଚର୍ଯ୍ୟଜନକ ଭାବରେ ଆର୍ଥିକ ବଳିଦାନ ଦେଇଥାଆନ୍ତି । ଆଫ୍ରିକା ଭଳି ଦୂରବର୍ତ୍ତୀ ଅଞ୍ଚଳରେ ରହୁଥିବା ନୈଷ୍ଠିକ ଅହେମଦିମାନେ ଯେଉଁମାନେ ସଂସାରରେ ଇସଲାମ୍ ଧର୍ମର ପ୍ରଚାର ତଥା ପ୍ରସାର ଏବଂ ଧର୍ମର ଜୟ ହେବା ନିମନ୍ତେ ହ. ମସିହ୍ ମଉଦ୍ ଅ.ସଙ୍କ ସହାୟକ ହେବାକୁ ଚାହାନ୍ତି । ଏହି ଲୋକମାନେ ହେଉଛନ୍ତି ସେହିମାନେ ଯେଉଁମାନେ ହ. ମସିହ୍ ମଉଦ୍ ଅ .ସଙ୍କ ଆଦେଶକୁ ନିଜ ସମ୍ମୁଖରେ ରଖି ବଳିଦାନ ଦେଇ ଥାଆନ୍ତି। ଏହି ବଳିଦାନକାରୀଙ୍କ ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: "ତୁମମାନଙ୍କ ନିମନ୍ତ ଏକଥା ସମ୍ଭବ ନୁହେଁ ଯେ, ତୁମେମାନେ ଧନ କୁ ବି ଭଲ ପାଉଥିବା ଓ ଈଶ୍ୱରଙ୍କୁ ବି ଭଲ ପାଉଥିବ । ସୁତରାଂ ତୁମେମାନେ କେବଳ ଗୋଟିଏ ଜିନିଷକୁ ହିଁ ଭଲ ପାଇ ପାରିବ। ସୁତରାଂ ସୌଭାଗ୍ୟଶାଳୀ ବ୍ୟକ୍ତି ହେଉଛନ୍ତି ସେହିମାନେ ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି ଏବଂ ଯଦି କୌଣସି ବ୍ୟକ୍ତି ଈଶ୍ୱରଙ୍କୁ ଭଲ ପାଏ ଓ ତାହାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବ ତେବେ ନିଃସନ୍ଦେହ ରୂପେ ମୁଁ ଏହି ବିଶ୍ୱାସ ରଖୁଛି ଯେ, ସେହି ବ୍ୟକ୍ତିର ଧନରେ ଅନ୍ୟମାନଙ୍କ ତୁଳନାରେ ଅଧିକ କଲ୍ୟାଣ ପ୍ରଦାନ କରାଯିବ। କାରଣ ଧନ ଆପେ ଆପେ ଆସି ନଥାଏ । ବରଂ ଧନ ଈଶ୍ୱରଙ୍କ ଇଚ୍ଛାନୁଯାୟୀ ବା ଈଶ୍ୱରଙ୍କ ଆଜ୍ଞାନୁଯାୟୀ ଆସିଥାଏ । ଅତଏବ୍ ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସକାଶେ ନିଜର ପ୍ରିୟ ଧନରୁ ଈଶ୍ୱରଙ୍କ ପାଇଁ ଏକ ଭାଗ ଛାଡ଼ିଥାଏ ତେବେ ସେହି ବ୍ୟକ୍ତି ଏହାର ପ୍ରତିଫଳ ଅବଶ୍ୟ ପ୍ରାପ୍ତ କରିବ ।" **(ମଜ୍‌ମୁଆ ଇସ୍ତିହାର୍, ଭାଗ-3, ପୃ497)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ କଥନାବଳୀ। ଆମେମାନେ ଆଜି ମଧ୍ୟ ଉକ୍ତ ଦୃଶ୍ୟକୁ ଅବଲୋକନ କରିଥାଉ ଯେ, ଲୋକମାନେ କିଭଳି ଈଶ୍ୱରଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଲେ ଓ ଈଶ୍ୱର କିପରି ସେମାନଙ୍କୁ ତୁରନ୍ତ ଏହାର ପ୍ରତିଫଳ ଫେରସ୍ତ କରିଦେଲେ । ଗୋଟିଏ (ସମାନ) ସ୍ଥାନ, ଗୋଟିଏ (ସମାନ) ବାତାବରଣରେ ଲୋକ କାର୍ଯ୍ୟ କରୁଛନ୍ତି । କିନ୍ତୁ ଅଲ୍ଲାଃତାଲା ଅହେମଦିମାନଙ୍କ ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରିଥାଆନ୍ତି। ଯାହା ଅହେମଦିକୁ ପ୍ରାପ୍ତ ହୋଇଥାଏ ତାହା ଅନ୍ୟ ବ୍ୟକ୍ତିକୁ କଲ୍ୟାଣ ପ୍ରାପ୍ତ ହେଉ ନାହିଁ । ଏହି ଅଜସ୍ର କଲ୍ୟାଣ ଜନିତ ପ୍ରସଙ୍ଗ ଅହେମଦିମାନଙ୍କ ବିଶ୍ୱାସରେ ଆଧିକ୍ୟତାର କାରଣ ସାଜିଥାଏ । ହୁଜୁର ଅନୱର୍ ଅ.ବ କହିଲେ, ଯେପରିକି ମୁଁ କହିଥିଲି, ସେହି ନୈଷ୍ଠିକ ଅହେମଦିମାନଙ୍କର କେତେକ ଉଦାହରଣ ମୁଁ ଏଠାରେ ଉପସ୍ଥାପିତ କରି ଦେଉଛି। ରପବ୍ଲିକ୍ ଅଫ୍ ଆଫ୍ରିକାରେ ଉଦାମ୍ବୁଲା (Vdambala) ନାମକ ଏକ ସ୍ଥାନ ରହିଛି। ସେଠାରେ ଇସା ସାହେବ ନାମକ ଜଣେ ନବଦୀକ୍ଷିତ ବ୍ୟକ୍ତି ବାସ କରନ୍ତି । ସେ କୁହନ୍ତି, "ମୁଁ ୨ ମାସ ତଳେ (ପୂର୍ବେ) ବୈଅତ୍ କରିଥିଲି ଏବଂ 2016 ମସିହାରୁ ମୋ ନିକଟରେ ଏକ ପ୍ଲଟ୍ ରହିଥିଲା ଯାହାକୁ ମୁଁ ଘର ନିର୍ମାଣ କରିବା ନିମନ୍ତେ କ୍ରୟ କରିଥିଲି । କିନ୍ତୁ ଅର୍ଥରାଶି ଏକତ୍ରିତ ହୋଇପାରୁ ନଥିଲା ଯେ, ମୁଁ ଘର ନିର୍ମାଣ କରିନେବି । ମୁଁ ଜମାଅତ୍‌ରେ ସାମିଲ୍ ହୋଇଛି । ମୁଁ ଚାନ୍ଦା ଦେବାର କଲ୍ୟାଣ ଏବଂ ମହତ୍ତ୍ୱ ସଂପର୍କରେ ଉପଦେଶ ଶୁଣୁଥିଲି । ମୁଁ ଯାହା କିଛି ବି ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେଇ ପାରୁଥିଲି ତାହା କରୁଥିଲି । ମୁଁ ଏହା ହିଁ ଶୁଣୁଥିଲି ଯେ, ପ୍ରଭୁଙ୍କ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି: أَلَيْسَ اللّٰهُ بِكَافٍ عَبْدَهٗ**

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ମାର୍ଗରେ ସାମାନ୍ୟ ବଳିଦାନ ଦେବା ଦ୍ୱାରା ମଧ୍ୟ ଅଲ୍ଲାଃତାଲା ସମ୍ମାନିତ ଓ ପୁରସ୍କୃତ କରିଥାଆନ୍ତି ଏବଂ ଏହି ବଳିଦାନ ଦ୍ୱାରା କାର୍ଯ୍ୟ ସହଜ ସାଧ୍ୟ ହୋଇଯାଇଥାଏ ଓ ଧନ ଜୀବନରେ ଅଜସ୍ର କଲ୍ୟାଣ ଓ ଉନ୍ନତି ମଧ୍ୟ ପ୍ରାପ୍ତ ହୋଇଥାଏ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ମୋ ମନରେ ଏହି ବିଚାର ଆସିଥାଏ ଯେ, ଆମେମାନେ ଯେତେବେଳେ ଅଣଅହେମଦି ଥିଲୁ ସେତେବେଳେ ଆମେମାନେ ଥରେ ହେଲେ ମଧ୍ୟ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଅର୍ଥାତ୍ ଚାନ୍ଦା ଦେଇ ନଥିଲୁ ଓ ନା ହିଁ ଆମେମାନଙ୍କୁ କେହି ଏଥି ସଂକ୍ରାନ୍ତରେ ଆହ୍ୱାନ ଦେଇଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ଆହ୍ୱାନଟି ହୁଜୁର ଅନ୍‌ୱର୍ ଅ.ବଙ୍କ ଦ୍ୱାରା ହୋଇଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ ସାଧାରଣତଃ ନବଦୀକ୍ଷିତଙ୍କୁ ତେହ୍‌ରିକେ ଜଦିଦ୍ ଏବଂ ୱକ୍‌ଫେ ଜଦିଦ୍‌ର ଚାନ୍ଦା ଦେବା ନିମନ୍ତେ କୁହାଯାଇଥାଏ । ମୋତେ ଯେତେବେଳେ ଚାନ୍ଦା ଦେବା ପାଇଁ କୁହାଗଲା ସେତେବେଳେ ମୁଁ 1500 ସିଫା ପୈଠ କରିଦେଲି ଏବଂ ଅଲ୍ଲାଃତାଲା ଏହାର ପ୍ରତିଫଳ ମୋତେ ଏହିପରି ପ୍ରଦାନ କଲେ ଯେ, ଜଣେ ବନ୍ଧୁ ଘର ପାଇଁ 10,000 ଟଙ୍କାର ଇଟା ତିଆରି କରିବା ପାଇଁ ପ୍ରସ୍ତାବ ଦେଲା ଓ ଏହାପରେ ମୁଁ ଇଟା ତିଆରି ମଧ୍ୟ କରିଦେଲି । ଅର୍ଥାତ୍ ସେଠାରେ (ଫ୍ୟାକ୍ଟ୍ରିରେ) ସିମେଣ୍ଟ ବ୍ଲକ୍ ଦ୍ୱାରା ଇଟା ପ୍ରସ୍ତୁତ ହୋଇଥାଏ । ଏହିପରି ଭାବରେ ଘରର ନିର୍ମାଣ ଆରମ୍ଭ ହେଲା । ଉକ୍ତ ନିର୍ମାଣକୁ ବହୁ ବର୍ଷ ଧରି ଅପେକ୍ଷା କରି ବସିଥିଲି ଏବଂ ପୁନଶ୍ଚ ଘର ସଂପୂର୍ଣ୍ଣ ମଧ୍ୟ ହୋଇଗଲା । ହୁଜୁର ଅନ୍‌ୱର ଅ.ବ କହିଲେ, ମହୋଦୟ କୁହନ୍ତି: "ମୋର ଏହି ବିଶ୍ୱାସ ରହିଛି ଯେ, ଉକ୍ତ କାର୍ଯ୍ୟଟି ଅଲ୍ଲାଃତାଲାଙ୍କ କୃପା ଦ୍ୱାରା ସଂପୂର୍ଣ୍ଣ ହୋଇଛି । ଅନ୍ୟଥା ମୋ ଭିତରେ ଏତେ ସାମର୍ଥ୍ୟ ନଥିଲା ଓ ମୋ ପାଇଁ ଏହା ସମ୍ଭବପର ନଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଋଷର ପୂର୍ବତନ ରାଜ୍ୟ କାଜାକିସ୍ତାନ ଅଟେ । ସେଠାକାର ଦାଓରିନ୍ ସାହେବ ନାମକ ଜଣେ ବନ୍ଧୁ କୁହନ୍ତି: "କିଛି ଦିନ ପୂର୍ବେ ମୋତେ ମୁଅଲ୍ଲିମ୍ ସାହେବଙ୍କର ସନ୍ଦେଶ ପ୍ରାପ୍ତ ହେଲା ଯେ, ଚଳିତ ବର୍ଷ ଆପଣଙ୍କ ପତ୍ନିଙ୍କ ୱକ୍‌ଫେ ଜଦିଦ୍‌ର ଚାନ୍ଦା ଖୁବ୍ କମ୍ ରହିଛି ଏବଂ ସୂଚୀର ସର୍ବ ଶେଷରେ  ରହିଛି । ଯଦି ଆପଣଙ୍କ ପକ୍ଷେ ସମ୍ଭବର ହୋଇପାରୁଛି ତେବେ ଆପଣ ସର୍ବନିମ୍ନ 5000/- ହଜାର ତେଙ୍ଗେ (Tenge) ପୈଠ କରି ଦିଅନ୍ତୁ । ମୁଁ ଭାବିଲି ଯେ, ବର୍ତ୍ତମାନ ମୋର ପତ୍ନି ଗର୍ଭବତୀ ଅଛନ୍ତି । ତାଙ୍କର ଅପରେସନ ମଧ୍ୟ ହେବାର  ଅଛି । ତେଣୁ ଭଲ ଏହା ହେବ କି ମୁଁ 15000/- ତେଙ୍ଗେ (ଟଙ୍କା ବା ରାଶି) ପୈଠ କରିଦେବି । ମୁଁ ମୁଅଲ୍ଲିମ୍ ସାହେବଙ୍କୁ ଅର୍ଥ ରାଶି ପ୍ରେରଣ କରି ନଥିଲି କି । ପ୍ରାୟ 20 ମିନିଟ ପରେ ମୋତେ ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଲା ଯେ, ମୁଁ ଯେହେତୁ ଅନାଥମାନଙ୍କର ଲାଳନ ପାଳନ ଓ ଦେଖାଶୁଣା କାମ ମଧ୍ୟ କରେ ଓ ମୋର ସନ୍ତାନମାନେ ମଧ୍ୟ ଅଧିକ ଅଛନ୍ତି ତେଣୁ ସେଠାକାର ସରକାର ମୋତେ ଏକ ଲକ୍ଷ ତେଙ୍ଗେ ଦେବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ଏହିପରି ଭାବରେ ଏହା ମୋ ବିଶ୍ୱାସର ଆଧିକତ୍ୟତାର କାରଣ ତ' ହେଲା ଏବଂ ଅଲ୍ଲାଃତାଲା ମୋର ସମସ୍ତ ଟଙ୍କା ମୋତେ ଫେରସ୍ତ ମଧ୍ୟ କରିଦେଲେ ।"

ହୁଜୁର ଅନୱର୍ ଅ.ବ କହିଲେ, ସେହିପରି  କିର୍ଗିସ୍ତାନ୍‌ର ଏକ ରାଜ୍ୟ ରହିଛି । ସେଠାକାର ଉର୍ମତ୍ ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ସେ ଗୋଲ୍‌ଡ଼ ମାଇନ୍ (ସୁନା ଖଣି)ରେ କାମ କରନ୍ତି ଓ 6 ମାସ ପରେ ସେ ନିଜର ଚାନ୍ଦା ପୈଠ କରୁଥିଲେ। ବିଗତ ଦିନରେ ସେ ଯେତେବେଳେ ନିଜର ତ୍ରୈମାସିକ ଚାନ୍ଦା ପୈଠ କଲେ ସେତେବେଳେ ଚାନ୍ଦାର ହାର ଠାରୁ ଉର୍ଦ୍ଧ୍ୱ ରାଶି ଅର୍ଥାତ୍ ପ୍ରାୟ 6000/- କିର୍ଗିସ୍ ସୋମ୍ (Kyrgystani Som) ତାଙ୍କର ସ୍ଥାନୀୟ ମୁଦ୍ରା ନିଜର ଚାନ୍ଦା ପୈଠ କରିଦେଲେ। ପଚାରିବାରୁ ସେ କହିବାକୁ ଲାଗିଲେ ଯେ, ସମଗ୍ର ବିଶ୍ୱରେ ମହଙ୍ଗାମାଡ଼ ଅର୍ଥାତ୍ ଦରଦାମ ବୃଦ୍ଧି ପାଇଛି । ଯଦ୍ଦ୍ୱାରାକି ଜମାଅତୀୟ ଖର୍ଚ୍ଚରେ ମଧ୍ୟ ଅଭିବୃଦ୍ଧି ହୋଇଥିବା। ସେଇଥି ପାଇଁ ମୁଁ ନିଜ ଆୟର ହାର ଅପେକ୍ଷା ଅଧିକ ଚାନ୍ଦା ପୈଠ କରିଦେଲି । ଏହିପରି ଭାବରେ ସେ 40% ଅତିରିକ୍ତ ଚାନ୍ଦା ପୈଠ କରିଦେଲେ । ବର୍ତ୍ତମାନ ଏହା ଅଲ୍ଲାଃତାଲାଙ୍କ ଇଚ୍ଛା ଓ ତାହାଙ୍କ ସଦିଚ୍ଛା ତଥା ତାହାଙ୍କ ଅନୁଗ୍ରହତାର ଉଦାହରଣ ଅଟେ । ମହୋଦୟଙ୍କୁ କେହି ଆହ୍ୱାନ ଦେଇ ନଥିଲା । କିନ୍ତୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ ସ୍ୱୟଂ ଉଦ୍ୟମ କଲେ ଯେ, ମୁଁ ପ୍ରତିସ୍ୱର୍ଦ୍ଧିତ ଭାବରେ ଚାନ୍ଦା ପୈଠ କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଲୋକମାନେ କୁହନ୍ତି ଯେ, ଅହେମଦିମାନେ କାହିଁକି ଚାନ୍ଦା ମାଗୁଛନ୍ତି ? ଆମେ ମାଗୁ ନାହୁଁ । ଆମ ତ' କେବଳ ଅଲ୍ଲାଃତାଲାଙ୍କ ବାର୍ତ୍ତା ଆଗକୁ ପହଞ୍ଚାଇ ଥାଉ ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ଆପଣମାନେ ବଳିଦାନ ଦିଅନ୍ତୁ ।

ଫିଲିପାଇନ୍ ଭଳି ଦୂରବର୍ତ୍ତୀ ଦେଶର ଏକ ଘଟଣା ରହିଛି । ସେଠାକାର ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ସଦର୍ ଖୁଦ୍ଦାମୁଲ୍ ଅହେମଦିୟା ସାହେବ ବର୍ଣ୍ଣନା କଲେ ଯେ, ମୁଁ ଉକ୍ତ ପ୍ରତିଶୃତି ଅନୁଯାୟୀ ୱକ୍‌ଫେ ଜଦିଦ୍‌ର ଚାନ୍ଦା୍ ପୈଠ ତ' କରିଦେଇ ଥିଲି। କିନ୍ତୁ ଆର୍ଥିକ ବର୍ଷ ଶେଷ ହେଉଥିଲା । ମନରେ ଏହି ଇଚ୍ଛା ଉତ୍ପନ୍ନ ହେଲା ଯେ, ପ୍ରତିଶୃତି ଠାରୁ ଅଧିକ ଚାନ୍ଦା ପୈଠ କରିବା ଉଚିତ୍ । ସୁତରାଂ ମୁଁ ନିଜର ସ୍ୱର୍ଗତ ମାତାପିତା, ଏବଂ ଶ୍ୱଶୁର ପରିବାରଙ୍କ ପକ୍ଷରୁ ମଧ୍ୟ ଏକ ହଜାର ପିସୋ (Peso) ଅର୍ଥ ରାଶି ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ପୈଠ କରିଦେଲି । ଏହି ଦିନମାନଙ୍କରେ ସ୍ଥାନୀୟ ମୁନିସିପାଲିଟିର କାର୍ଯ୍ୟାଳୟରେ ରିସ୍କ୍ ରିଡ଼କ୍ସନ ମ୍ୟାନେଜର (Risk Reduction Manager) ରୂପେ କଣ୍ଟ୍ରାକ୍ଟୁ୍ୟଆଲ (ଚୁକ୍ତିଭିତ୍ତିକ) ଭାବରେ କାମ କରୁଥିଲି । ନୂତନ ବର୍ଷର ଛୁଟି ପରେ ମୁଁ ଯେମିତି କାମକୁ ଯାଇଛି ତେବେ ସ୍ଥାନୀୟ ମେୟର ମୋର ଚାକିରୀକୁ ସ୍ଥାୟୀ କରିଦେଲେ ଏବଂ ମୋର ଦରମା ମଧ୍ୟ ବୃଦ୍ଧି କରିଦେଲେ । ହେଲେ ମୁଁ 4 ବର୍ଷ ଧରି ଚୁକ୍ତିଭିତ୍ତିକ ହିସାବରେ କାମ କରୁଥିଲି ଏବଂ ବାରମ୍ବାର ଅନୁରୋଧ ତଥା ଆବେଦନ କରିବା ସତ୍ତ୍ୱେ ମଧ୍ୟ ମୋତେ ସ୍ଥାୟୀ ନିଯୁକ୍ତ ମିଳିପାରୁ ନଥିଲା । ବର୍ତ୍ତମାନ ମୋର ଏହି ଦୃଢ ବିଶ୍ୱାସ ଆସି ଯାଇଛି ଯେ, ମୁଁ ଯେଉଁ ଏହି ବଳିଦାନ କରିଥିଲି ତାହାର ଏହା ପରିଣାମ ଅଟେ ।  ନିଃସନ୍ଦେହ ରୂପେ ଅଲ୍ଲାଃତାଲା ଆମମାନଙ୍କର କଳ୍ପନା ବହିର୍ଭୂତ ଆମକୁ ପ୍ରତିଫଳ ପ୍ରଦାନ କରି ଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଫ୍ରିକା ମହାଦେଶରେ କ୍ୟାମ୍‌ରୁନ୍ ନାମକ ଏକ ଦେଶ ରହିଛି । ସେଠାକାର ମୁବଲ୍ଲିଗ୍ ସିଲ୍‌ସିଲା ସାହେବ କୁହନ୍ତି: "ୟୁସୁଫ୍ ସାହେବ ନାମକ ଜଣେ  ଯୁବକ ଅଟନ୍ତି । ସେ ଅହେମଦିୟତ୍ ସ୍ୱୀକାର କରିଛନ୍ତି । ସେ ଜଣେ ଅଭାବି ଓ ଦରିଦ୍ର ବ୍ୟକ୍ତି ଅଟନ୍ତି । ମୋଟର ସାଇକେଲ ଉପରେ ଯାତ୍ରୀମାନଙ୍କୁ ଆରୋହଣ କରି ଅନ୍ୟ ସ୍ଥାନକୁ ଛାଡ଼ନ୍ତି । ମୁହମ୍ମଦ୍ ୟୁସୁଫ୍ ସାହେବ କୁହନ୍ତି ଯେ, ମୁଁ ଯେବେଠାରୁ ଅହେମଦିୟତ୍ ସ୍ୱୀକାର କରିଛି ଓ ମୁବଲ୍ଲିଗ୍ ସାହେବଙ୍କ କହିବା ମୁତାବକ ଅଳ୍ପ ବହୁତ ଚାନ୍ଦା ଦେବା ଆରମ୍ଭ କରିଛି ମୋ ଅବସ୍ଥା ପରିବର୍ତ୍ତନ ହେବା ଆରମ୍ଭ ହୋଇଯାଇଛି । ମୋର ହୃଦୟ ଅତ୍ୟନ୍ତ ଶାନ୍ତ ଓ ସନ୍ତୁଷ୍ଟ ରହିଛି । ମୋ ଜୀବନରେ ସବୁ କିଛି ଜିନିଷ ସହଜ ହୋଇଯାଇଛି । ପ୍ରକୃତ ବସ୍ତୁ ହେଉଛି ହୃଦୟର ସନ୍ତୁଷ୍ଟି । ୟୁସୁଫ୍ ସାହେବ କୁହନ୍ତି ଚାନ୍ଦା ଦେବା ଫଳରେ ମୋ ହୃଦୟ ମଧ୍ୟ ସନ୍ତୁଷ୍ଟ ହୋଇଯାଇଛି । ବର୍ତ୍ତମାନ ମୁଁ ଏହା ଇଚ୍ଛା କରିଛି ଯେ, ମୁଁ କେବଳ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଅଂଶ ଗ୍ରହଣ କରିବି ନାହିଁ ବରଂ ସମସ୍ତ ଆବଶ୍ୟକୀୟ ଚାନ୍ଦାମାନଙ୍କରେ ଅଂଶ ଗ୍ରହଣ କରିବି । କାରଣ ତହିଁରେ ମୋ ନିମନ୍ତେ ଓ ମୋ ପରିବାର ବର୍ଗଙ୍କ ନିମନ୍ତେ କଲ୍ୟାଣ  ନିହିତ ରହିଛି । ଏହା ଇମାମ୍ ମେହ୍‌ଦୀ ଅ.ସଙ୍କ କଲ୍ୟାଣ ଅଟେ ଯେ, ମୋତେ ଆଧ୍ୟାତ୍ମିକ ତୃପ୍ତି ପ୍ରାପ୍ତ ହୋଇଛି ଏବଂ ଏଥି ପାଇଁ ମୁଁ ଖୁବ୍ ଆନନ୍ଦିତ ମଧ୍ୟ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଏହିପରି ସାହାଯ୍ୟକାରୀ ସୃଷ୍ଟି କରିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୂର୍ବ ଆଫ୍ରିକାର ତାନଜାନିୟା ନାମକ ଏକ ଦେଶ ରହିଛି । ସେହି ଦେଶରେ ରୁୱୁମା (Ruvuma) ନାମକ ଏକ ଅଞ୍ଚଳ ରହିଛି। ସେହି ଅଞ୍ଚଳର ମୁଲାୱେ ସାହେବ ନାମକ ଜଣେ ଯୁବକ ଅଟନ୍ତି । ସେ କୁହନ୍ତି: "ମୋର ବୟସ 27 ବର୍ଷ ଅଟେ । ମୁଁ ଚାନ୍ଦାର ଅନେକ କଲ୍ୟାଣ ଦେଖିଛି। ବିଲ ବାଡ଼ି କାମ କରୁଛି । ସେ କୁହନ୍ତି ଚଳିତ ବର୍ଷ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କରିବା ଉଦ୍ଦେଶ୍ୟ ନେଇ ମୁଁ ନିଜର ଫସଲ ଅମଳ କରି ଶୀଘ୍ର ସଂପୃକ୍ତ କୃଷି ବିଭାଗରେ ଜମା କରିଦେଲି । ମୋର ଯେଉଁ ଫସଲ ଅମଳ ହୋଇଥିଲା ତାହାକୁ ମୁଁ ସରକାରଙ୍କୁ ବିକ୍ରି କରିଦେଲି । ସେ କୁହନ୍ତି, ମୁଁ ଯଦି ଆଉ କିଛି ଦିନ ଅପେକ୍ଷା କରି ଥାଆନ୍ତି ତେବେ ମୋତେ ଅମଳ ହୋଇଥିବା ଶସ୍ୟର ଅଧିକ ମୂଲ୍ୟ ମିଳିଯାଇ ଥାଆନ୍ତା । କିନ୍ତୁ ମୁଁ ଚାନ୍ଦା ପୈଠ କରିପାରୁ ନଥିଲି । ସମୟ ଅତିକ୍ରାନ୍ତ ହୋଇଯାଉଥିଲା । ସେ ଯାହା ହେଉ ମୁଁ ଯେତେବେଳେ କୃଷି ବିଭାଗ ସହିତ ଯୋଗାଯୋଗ କଲି ସେତେବେଳେ ସେହି ଦିନମାନଙ୍କରେ ଚାଷୀମାନଙ୍କୁ ଯେଉଁ ମୂଲ୍ୟ ମିଳୁଥିଲା ତା' ଠାରୁ ଅଧିକ ମୂଲ୍ୟ ମୋତେ ମିଳିଗଲା । ଫଳତଃ ମୁଁ ମୋର ୱକ୍‌ଫେ ଜିଦଦ୍‌ର ଚାନ୍ଦା ପୈଠ କରିଦେଲି । ସେହି ବିଭାଗ ମୋତେ କହିଲା, କି ମହୋଦୟ ! ଲୋକମାନେ ନିଜର ଅମଳ ହୋଇଥିବା ଶସ୍ୟକୁ ଅଟକାଇ ନେଇ ଥାଆନ୍ତି । କାରଣ ସେମାନଙ୍କୁ ଅଧିକ ମୂଲ୍ୟ ପ୍ରାପ୍ତ ହେବ । କିନ୍ତୁ ଆପଣଙ୍କୁ ଆପଣଙ୍କ ବିଶ୍ୱସ୍ତତା ଓ ନିଷ୍ଠାର ପୁରସ୍କାର ପ୍ରାପ୍ତ ହୋଇଛି । ସୁତରାଂ ମୁଲାୱେ ସାହେବ କୁହନ୍ତି; "ମୁଁ ଭାବୁଛି ଯେ, ଅଲ୍ଲାଃତାଲା ମୋର ଅନ୍ତର୍ନିହତି ଉଦ୍ଦେଶ୍ୟର ମୋତେ ପ୍ରତିଫଳ ପ୍ରଦାନ କରିଛନ୍ତି । କାରଣ ମୁଁ ଯେପରି ଅତି ସହଜରେ ପ୍ରଭୁଙ୍କ ମାର୍ଗରେ ନିଜର ଅର୍ଥକୁ ବଳିଦାନ କରିପାରିବି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିର୍ଗିସ୍ତାନର ରୋଜାମାମତ୍ (Rozamamat) ସାହବେ ନାମକ ଜଣେ ବନ୍ଧୁ ଅଟନ୍ତି । ସେ ୱକ୍‌ଫେ ଜଦିଦ୍‌ର ଚାନ୍ଦା ସଂକ୍ରାନ୍ତରେ କୁହନ୍ତି ଯେ, ଉକ୍ତ ଘଟଣାଟି ଅତ୍ୟନ୍ତ ମହତ୍ତ୍ୱର ଅଧିକାରୀ ଏବଂ ଏହା ଦ୍ୱାରା ମୋର ପରିଚୟ ମଧ୍ୟ ଅତ୍ୟନ୍ତ ରୋଚକ ହୋଇପଡ଼େ । ମୋର ମନେ ଅଛି ଯେ, ଯେତେବେଳେ ଜମାଅତ୍ ଅହେମଦିୟା ସହିତ ମୁଁ ପରିଚିତ ହେଲି ସେତେବେଳେ ମୁଁ ମୁବଲ୍ଲିଗ୍ ସାହେବଙ୍କୁ ପଚାରିଲି ଯେ, ମୌଲବୀ ସାହେବ ଜମାଅତର ସମସ୍ତ ଖର୍ଚ୍ଚ କିଏ ପୈଠ କରନ୍ତି ? ପ୍ରତ୍ୟୁତ୍ତରରେ ମୁବଲ୍ଲିଗ୍ ସାହେବ ମୋତେ ସବିଶେଷ ବିବରଣୀ ପ୍ରଦାନ କଲେ ଯେ, ଜମାଅତ୍‌ର କ'ଣ କାର୍ଯ୍ୟ ରହିଛି, ଖିଲାଫତ୍‌ର ବ୍ୟବସ୍ଥା କ'ଣ ?  ପୁନଶ୍ଚ ବିଭିନ୍ନ ଆହ୍ୱାନ ରହିଛି (ଅର୍ଥାତ୍ ତେହ୍‌ରିକାତ୍) । ଅର୍ଥାତ୍ ୱକ୍‌ଫେ ଜଦିଦ୍ ଓ ଅନ୍ୟାନ୍ୟ ଆର୍ଥିକ ବଳିଦାନ । ସେ ସଂକ୍ରାନ୍ତରେ ମୋତେ ମୁବଲ୍ଲିଗ୍ ସାହେବ ବୁଝାଇ କହିଲେ । ସୁତରାଂ ରୋଜାମାମତ୍ ସାହେବ କୁହନ୍ତି ଯେ, ମୁଁ ଏହା ପୂର୍ବରୁ ଏହି ଧରଣର ଆର୍ଥିକ ବଳିଦାନ ସଂକ୍ରାନ୍ତରେ ନା କେବେ ଦେଖିଥିଲି ଓ ନା କେବେ ଶୁଣିଥିଲି । ମୁଁ ପ୍ରଥମ ଥର କରି ଜମାଅତ୍‌ର ଏହି କଥା ଶୁଣିଥିଲି । ପୁନଶ୍ଚ ମୁଁ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ କାଳରେ ବୈଅତ୍ କରିବା ପରେ ପ୍ରତ୍ୟେକ ମାସରେ ଚାନ୍ଦା ଦେବା ଆରମ୍ଭ କରିଦେଲି ଓ ସମଗ୍ର ଜୀବନ ଚାନ୍ଦାର ଅଜସ୍ର କଲ୍ୟାଣକୁ ଅବଲୋକନ କଲି । ଜମାଅତ୍‌ରେ ସାମିଲ୍ ହେବା ପୂର୍ବରୁ ମୁଁ ନିଜ ପରିବାର ସହିତ ଏକ ଭଡ଼ାଘର ଫ୍ଲାଟରେ ରହୁଥିଲି । ଅତି କଷ୍ଟରେ ଆମେ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 03 OCTOBER 2024 Issue No. - 40

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଜୀବନ ଯାପନ କରୁଥିଲୁ । ବିଭିନ୍ନ ସ୍ଥାନରେ କାମ କଲି । ଅଭାବ ଓ ଅସୁବିଧା ଭଳି ଅବସ୍ଥା ରହିଥିଲା ଆମର । ମୋ ପାଖରେ ନା ସମ୍ପତ୍ତି ଥିଲା ଓ ନା ହିଁ ନିର୍ଦ୍ଦିଷ୍ଟ ସ୍ଥାୟୀ ଆୟ ଥିଲା । ଅଲ୍ଲାଃତାଲାଙ୍କ କୃପାରୁ ଚାନ୍ଦାର କଲ୍ୟାଣରୁ ମୁଁ ବର୍ତ୍ତମାନ ଏକ ସଂପୂର୍ଣ୍ଣ ବାସ ଭବନଟିଏ ନିର୍ମାଣ କରି ନେଇଛି । ବର୍ତ୍ତମାନ ମୋତେ ସ୍ଥାୟୀ ଜୀବିକା ପ୍ରାପ୍ତ ହୋଇଛି । କାମ ମଧ୍ୟ ବେଶୀ କଷ୍ଟଦାୟକ ନୁହଁ ଏବଂ ଦରମା ମଧ୍ୟ ଭଲ ରହିଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପଶ୍ଚିମ ଆଫ୍ରିକା ମହାଦେଶର ଟୋଗୋ ନାମକ ଏକ ଦେଶ ରହିଛି । ସେଠାକାର ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଯେ, ଜଣେ ଅହେମଦି ମହିଳାଙ୍କ ନିକଟରେ ୱକ୍‌ଫେ ଜଦିଦ୍‌ର ଚାନ୍ଦା ମହଜୁଦ୍ ନଥିଲା। ସେ ନିଜ ଘରେ ଘରୋଇ ବ୍ୟବହାର ନିମନ୍ତେ ପନି ପରିବା ଚାଷ କରିଥିଲେ । ସୁତରାଂ ସେହି ପନି ପରିବା ବଜାରରେ ବିକ୍ରି କରି ଅଲ୍ଲାଃତାଲାଙ୍କ ସହିତ କରିଥିବା ୱାଦା (ପ୍ରତିଶୃତ ଚାନ୍ଦା) ପୂରଣ କଲେ ଏବଂ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କରିଦେଲେ। ହୁଜୁର ଅନ୍ୱର୍ ଅ.ବ କହିଲେ, ଏହି ଉଦାହରଣ ଅତ୍ୟନ୍ତ ତୁଚ୍ଛ ବୋଲି ପ୍ରତିତ ହେଉଛି । କିନ୍ତୁ ଏ ହେଉଛି ସେହି ଉଦାହରଣ ଯାହାକି ସାହାବାମାନଙ୍କର ଅଟେ । ଅର୍ଥାତ୍ ସାହାବା ରଜିଅଲ୍ଲାଃହୁ ଅନହୁମମାନେ ଯେପରି ହାଟ ବଜାରକୁ ଯାଇ ନିଜର ଜିନିଷ ପତ୍ର ବିକ୍ରି କରୁଥିଲେ ଓ ହାଟ ବଜାରକୁ ଯାଇ କାମ କରୁଥିଲେ। ସୁତରାଂ ହାଫିଜ୍ ସାହେବଙ୍କୁ ଯାହା କିଛି ବି ଉପହାର ମିଳୁଥିଲା ସେହି ଉପହାରକୁ ସେ ଦେଇ ଦେଉଥିଲେ ।

ସେହିପରି ଜମାଅତ୍‌ର ଜଣେ ସଦସ୍ୟଙ୍କ ନିକଟରେ ୱକ୍‌ଫେ ଜଦିଦ୍‌ର ଚାନ୍ଦା ଦେବା ନିମନ୍ତେ ପଇସା ନଥିଲା । ତାଙ୍କ ନିକଟରେ କୁକୁଡ଼ା ଥିଲା । ସେ ୨ଟି କୁକୁଡ଼ା ବିକ୍ରି କରି ଚାନ୍ଦା ପୈଠ କରିଦେଲେ । ଏମାନେ ଗରିବ ଲୋକ ଅଟନ୍ତି  ସତ କିନ୍ତୁ ଏମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ବଳିଦାନ ଦେଇ ଥାଆନ୍ତି ଏବଂ ଏହି ଲୋକମାନେ ପୂର୍ବ ପୁରୁଷଙ୍କ ସ୍ମୃତିକୁ ସତେଜ (ଉଜ୍ଜୀବୀତ) କରିଥାଆନ୍ତି ।  ହୁଜୁର ଅନ୍ୱର୍ ଅ.ବ କହିଲେ, ଇଣ୍ଡୋନେସିଆର ଇମାନ୍ ହିଦାୟତ୍ ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ସେ କୁହନ୍ତି ମୁଁ ଆଜନ୍ମ ଅହେମଦି ଅଟେ । ପ୍ରଥମେ ତ' ମୁଁ କେବଳ ଏକ ସଦସ୍ୟ ରୂପେ ଚାନ୍ଦା ଆଦାୟ କରୁଥିଲି । ଏକ ଅଭ୍ୟାସ ପଡ଼ି ଯାଇଥିଲା ଯେ, ମୁଁ ଅହେମଦି ଅଟେ ଏବଂ ମୋତେ ଚାନ୍ଦା ଦେବାର ଅଛି । ତେହ୍‌ରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍ ବଳିଦାନରେ ଅଂଶ ଗ୍ରହଣ କରୁ ନଥିଲି । ଫଳତଃ ମୋର ସମସ୍ତ ଭାଇମାନେ ଉଭୟ ଆହ୍ୱାନ ସଂପର୍କରେ ମୋର ଧ୍ୟାନ ଆକର୍ଷଣ କଲେ ଯେ, କେବଳ ଜମାଅତ୍ ଅହେମଦିୟାର ସଦସ୍ୟ ହେବା ଯୋଗୁଁ ଆମେମାନେ ଚାନ୍ଦା ଦେଉ ନାହୁଁ ବରଂ ଅଲ୍ଲାଃତାଲାଙ୍କ ସାମୀପ୍ୟ ଓ ସାନ୍ନିଧ ପ୍ରାପ୍ତି ସକାଶେ ଆମେମାନେ ଆର୍ଥିକ ବଳିଦାନରେ ଅଂଶ ଗ୍ରହଣ କରିଥାଉ ।

ସୁତରାଂ ମୋ ମଧ୍ୟରେ ବି ତେହ୍‌ରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଅଂଶ ଗ୍ରହଣ କରିବାର ରୁଚି ସୃଷ୍ଟି ହେଲା ଏବଂ ମୁଁ ଉଭୟ ଆହ୍ୱାନରେ ଆର୍ଥିକ ବଳିଦାନ ଦେବା ଆରମ୍ଭ କରିଦେଲି ଓ ଉଭୟ ଆହ୍ୱାନ (ତେହ୍‌ରିକାତ)ରେ ଅଂଶ ଗ୍ରହଣ କରିବା ପରେ ନିଜର ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଅନୁଭବ କଲି । ମୁଁ ସ୍ୱୟଂକୁ ଅଲ୍ଲାଃତାଲାଙ୍କ ନିକଟରେ ଥିବାର ଅନୁଭବ କରିଥାଏ । ମୋତେ ଜମାଅତୀୟ ଦାୟିତ୍ୱ ମଧ୍ୟ ଦିଆଯାଇଛି । ସେହିପରି ଜୀବିକା ସଂପର୍କରେ ମଧ୍ୟ ଅଲ୍ଲାଃତାଲା ନିଜର ପ୍ରେମର ପରିପ୍ରକାଶ କରିଛନ୍ତି । ସବୁଠୁ ବେଶୀ ଅଲ୍ଲାଃତାଲାଙ୍କ କଥନ ଯେ, ଯଦି ତୁମେମାନେ ମୋ ଆଡ଼କୁ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆଡ଼କୁ ଚାଲିକି ଆସିବ ତେବେ ଅଲ୍ଲାଃତାଲା କୁହନ୍ତି ମୁଁ ତୁମ ଆଡ଼କୁ ଦଉଡ଼ିକି ଆସିବି । ଉକ୍ତ କଥାକୁ ମୁଁ ଚାନ୍ଦାର କଲ୍ୟାଣ ମାଧ୍ୟମରେ ପୂର୍ଣ୍ଣ ହେଉଥିବା ଅବଲୋକନ କରିଛି ।

ହୁଜୁର ଅନ୍ୱର ଅ.ବ କହିଲେ, ମେଲ୍‌ବର୍ଣ୍ଣ ଅଷ୍ଟ୍ରେଲିୟାରୁ ଜଣେ ବନ୍ଧୁ ନିଜର ଘଟଣା ଉଲ୍ଲେଖ କରିଛନ୍ତି ଯେ, ୱକ୍‌ଫେ ଜଦିଦ୍‌ର ଆର୍ଥିକ ବର୍ଷର ପରିସମାପ୍ତିର ଠିକ୍ ସପ୍ତାହ ପୂର୍ବରୁ ଆହ୍ୱାନ ଦିଆଗଲା ଯେ, ଯେଉଁ ଲୋକମାନେ ଆର୍ଥିକ ରୂପେ ସୁଦୃଢ ଅର୍ଥାତ୍ ସ୍ୱଚ୍ଛଳ ଅଟନ୍ତି ସେମାନେ ୱକ୍‌ଫେ ଜଦିଦ୍‌ରେ ଅନ୍ତତଃ 5000/- ଡଲାର ପୈଠ କରନ୍ତୁ । ତେଣୁ ମୁଁ ୱକ୍‌ଫେ ଜଦିଦ୍ ନିମନ୍ତେ 4000/- ଡ଼ଲାର ପୈଠ କରିଥିଲି। ମୋ ପାଖରେ 5000/- ଡଲାର ନଥିଲା । କିନ୍ତୁ ମୋ ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହେଲା କି ମୋତେ ୱକ୍‌ଫେ ଜଦିଦ୍ ନିମନ୍ତେ 5000/- ଡଲାର୍‌ର କୁର୍ବାନୀ ଉପସ୍ଥାପିତ କରିବା ଉଚିତ୍ । ସୁତରାଂ ଶୁକ୍ରବାର ନମାଜରୁ ଫେରିବା ପରେ ମୁଁ ଦୁଆ କରିବା ଆରମ୍ଭ କରିଦେଲି । ହୁଜୁର ଅନ୍ୱର୍ ଅ.ବ କହିଲେ, ମହୋଦୟ ବର୍ତ୍ତମାନ ସ୍ୱଚ୍ଛଳ ଅବସ୍ଥାରେ ଥିଲେ । କିନ୍ତୁ ତଥାପି ଅଲ୍ଲାଃତାଲାଙ୍କ ଭୟ ମନରେ ରହିଥିଲା । ଏକ ଏକଗ୍ରତା ଏବଂ ଉଦ୍ୟମ ଥିଲା ଓ ଦୃଢ ଇଚ୍ଛାଶକ୍ତି ରହିଥିଲା ମନରେ। ଦୁଆ କରିବା ପ୍ରତି ତାଙ୍କ ମନରେ ଏକ ଆହ୍ୱାନ ସୃଷ୍ଟି ହେଲା । ତେଣୁ ସେ ଦୁଆ କଲେ। ସେ କୁହନ୍ତି: "ମୁଁ ଛୋଟମୋଟ ବ୍ୟବସାୟ କରେ । ଦିନେ ମୁଁ ଅଫିସ୍‌ରୁ କିଛି ସମୟ ପାଇଁ ବିରତି ନେବା ନିମନ୍ତେ ବାହାରକୁ ବାହିରିଲି ଓ ଏହି ଦୁଆ କରୁଥିଲି ଯେ, ହେ ପ୍ରଭୁ ! ଉକ୍ତ ଚାନ୍ଦାରେ ମୁଁ କିପରି ନିଜର ଯୋଗଦାନ ଦେଇ ପାରିବି ? ହେ ପ୍ରଭୁ ତୁମ୍ଭେ ମୋତେ ସାମର୍ଥ୍ୟ ପ୍ରଦାନ କର । ଏହି ଦୁଆ କରି ମୁଁ ଯେତେବେଳେ କାର୍ଯ୍ୟାଳୟକୁ ଫେରିଲି ସେତେବେଳେ ମୋର ବିଜ୍‌ନେସ୍ ପାର୍ଟନର୍ (ବ୍ୟବସାୟ ବନ୍ଧୁ) ଯେକି ଜଣେ ଖ୍ରୀଷ୍ଟ ବ୍ୟକ୍ତି ଥିଲା ସେ ମୋ କାର୍ଯ୍ୟାଳୟ ମଧ୍ୟକୁ ଆସିଲା ଏବଂ କବାଟ୍ ବନ୍ଦ କରିଦେଲା ଓ ଆନନ୍ଦର ସହିତ ମୋ ସହିତ କରମର୍ଦ୍ଦନ (ହାତ ମିଶାଇଲା) କଲା ଏବଂ କହିଲା, ବନ୍ଧୁ ଏକ ବଡ଼ ଖବର ରହିଛି । ଅତିରିକ୍ତ ଚର୍ଚ୍ଚା କରି କହିବାକୁ ଲାଗିଲା ଯେ, ଏକ ନୂତନ ବ୍ୟବସାୟ ନିମନ୍ତେ ଏକ ଗ୍ରାହକ ସେଟ୍ ଅପ୍ (ବ୍ୟବସ୍ଥା) ନିମନ୍ତେ ଆବେଦନ କରିଛି ଓ ଏହାର ଫିସ୍ (ଦେୟ) 30,000/- ରହିଛି । ଯହିଁରୁ ମୁଁ 15000/- ଓ ତୁମେ 15000/- ଦିର୍‌ହମ୍ ନେବ । ଉଭୟଙ୍କ ଭାଗ୍ୟରେ ଅଧା ଅଧା ଦିରହମ୍ ଆସିବ । ସେ କୁହନ୍ତି, ମୁଁ ତୁରନ୍ତ ବୁଝିନେଲି ଯେ, ମୋର ଦୁଆ ସ୍ୱୀକୃତ ହୋଇଯାଇଛି । ମୁଁ ନିଜର ବିଜ୍‌ନେସ୍ ପାର୍ଟନରକୁ  କହିଲି ଯେ, ବନ୍ଧୁ ! ମୁଁ କେଉଁ ଦୁଆ କରୁଥିଲି ଓ କିପରି ଅଲ୍ଲାଃତାଲା ଆମମାନଙ୍କୁ ସାହାଯ୍ୟ କଲେ ଏବଂ ମୋର ଏହି ବିଶ୍ୱାସ ରହିଛି ଯେ, ଅଲ୍ଲାଃତାଲା ମୋ ଦୁଆ (ପ୍ରାର୍ଥନା)ର ଉତ୍ତର ଦେଇଛନ୍ତି । ପ୍ରତ୍ୟୁତ୍ତରରେ ସେହି ଖ୍ରୀଷ୍ଟ ବିଜ୍‌ନେସ୍ ପାର୍ଟନର୍ ମଧ୍ୟ କହିବାକୁ ଲାଗିଲା ଯେ, ଚ୍ୟାରିଟି (ଦାନ) ନିମନ୍ତେ 5000/- ଡଲାର ଅର୍ଥ ରାଶି ବହୁତ ବଡ଼ ଅର୍ଥ ରାଶି ଅଟେ । ସେ ପୁନଶ୍ଚ କହିବାକୁ ଲାଗିଲା ଯେ, ତୁମର ଦୁଆ ଯୋଗୁଁ ମୋତେ ଏହି ଲାଭ ମିଳିଛି । ତେଣୁ ମୁଁ ମଧ୍ୟ ତହିଁରେ ନିଜର ଅଂଶଦାନ କରିବି । ଉକ୍ତ ଅର୍ଥରାଶି ତ' ତୁମେ ପୈଠ କରିବ । ତେଣୁ ତହିଁରେ ମୁଁ ଅର୍ଦ୍ଧ ଅର୍ଥରାଶି ପୈଠ କରିବି । କିନ୍ତୁ ମୁଁ ସେହି ଖ୍ରୀଷ୍ଟ ବନ୍ଧୁଙ୍କୁ କହିଲି, ବନ୍ଧୁ ! ଆହୁରି ଅନେକ ଜନକଲ୍ୟାଣମୂଳକ କାର୍ଯ୍ୟ ରହିଛି ଯହିଁରେ ଆପଣ ନିଜର ଅଂଶଦାନ କରି ପାରିବେ । ଏହା ପାଞ୍ଚ ହଜାର ଡଲାର ୱକ୍‌ଫେ ଜଦିଦ୍‌ର ଅର୍ଥରାଶି ଚାନ୍ଦା ଅଟେ । ଉକ୍ତ ଅର୍ଥରାଶିକୁ ମୁଁ ସ୍ୱୟଂ ଦେବି। ସେ ଯାହା ହେଉ ଅଲ୍ଲାଃତାଲା ମୋର ଦୁଆ ଏବଂ ମୋର ମନସ୍କାମନାକୁ ସ୍ୱୀକାର କରି ମୋ ଉପରେ ଉପକାର କରିଛନ୍ତି ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଫିଜି ପରି ଏକ ଦୂରବର୍ତ୍ତୀ ଅଞ୍ଚଳ ରହିଛି । ସେଠାରେ ଜୈନଲ୍ ବେଗ୍ ନାମକ ଜଣେ ନବଦିକ୍ଷୀତ ଅଟନ୍ତି । ଦୁଇ ତିନି ବର୍ଷ ପୂର୍ବେ ସେ ବୈଅତ୍ କରିଥିଲେ । ପ୍ରାରମ୍ଭିକ ରୂପେ ଯେତେବେଳେ ତାଙ୍କୁ ଆହ୍ୱାନ (ତେହରିକାତ)ରେ ସାମିଲ୍ କରାଗଲା ସେତେବେଳେ ତ' ତାଙ୍କର ଅତି ସାଧାରଣ ରାଶିର ୱାଦା ଥିଲା । ପୁନଶ୍ଚ କିଛି କାଳ ପରେ ଚାନ୍ଦା ଆମରେ ମଧ୍ୟ ତାଙ୍କୁ ସାମିଲ କରାଗଲା ଏବଂ ବ୍ୟବସ୍ଥାର ମହତ୍ତ୍ୱ ସଂପର୍କରେ ତାଙ୍କୁ ଜ୍ଞାତ ହେଲା । ହୁଜୁର ଅନ୍ୱର୍ ଅ.ବ କହିଲେ, କିନ୍ତୁ ଚଳିତ ବର୍ଷ ମୋର ଖୁତ୍‌ବାତ୍ ଶୁଣି ମହୋଦୟ ସ୍ୱୟଂ ନିଜର ୱାଦା ତେହ୍‌ରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ରେ ବୃଦ୍ଧି କରିଦେଲେ । ଦଶ ଗୁଣା ବୃଦ୍ଧି କରିଦେଲେ ଓ ନିଜର ୱାଦା ଅନୁଯାୟୀ ସେ ନିଜର ଚାନ୍ଦା ପୈଠ ମଧ୍ୟ କରିଦେଲେ । ପୁନଶ୍ଚ ଚାନ୍ଦା ଆମ୍ ସଂପର୍କରେ ତାଙ୍କୁ ଯେତେବେଳେ କୁହାଗଲା ସେତେବେଳେ ସେ ସାପ୍ତାହିକ ଆୟ ଅନୁଯାୟୀ ଚାନ୍ଦା ଆମ୍‌ର 1/16 ହିସାବରେ ଚାନ୍ଦା ପୈଠ କରିବାର ପ୍ରତିଶୃତି କଲେ ଏବଂ ନିୟମିତ ରୂପେ ପ୍ରତ୍ୟେକ ସପ୍ତାହ ନିଜର ଦରମାରୁ ସମସ୍ତ ଚାନ୍ଦା ଆସି ପୈଠ କରି ଯାଉଥିଲେ । ଏହି ନବଦୀକ୍ଷିତ ବର୍ଣ୍ଣନା କରନ୍ତି ଯେ, ମୁଁ ଯେବେଠାରୁ ଚାନ୍ଦାରେ ବୃଦ୍ଧି କରିଛି ସେବେଠାରୁ ମୋତେ  ଚାକିରୀରେ ପଦୋନ୍ନତି ମିଳିଛି । ମହୋଦୟ ପୁନଶ୍ଚ କହୁନ୍ତି ଯେ, ଜାନୁୟାରୀ 2024 ମସିହାରୁ ବେତନରେ ଅଭିବୃଦ୍ଧି ହୋଇଯିବ । **ଇନ୍‌ଶାଅଲ୍ଲାଃ** । ମହୋଦୟ କୁହନ୍ତି: "ଯଦି କୌଣସି ବ୍ୟକ୍ତି ଚାନ୍ଦାର କଲ୍ୟାଣ ସଂପର୍କରେ ଜାଣିବାକୁ ଇଚ୍ଛୁକ ତେବେ ସେ ଆସି ଆଗ ମୋତେ ପଚାରୁ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସର୍ଜିଲ୍ ସାହେବ ନାମକ ମାଇକ୍ରୋନେସିୟାର ଜଣେ ମୁବଲ୍ଲିଗ୍ ସାହେବ ଅଟନ୍ତି । ସେ କୁହନ୍ତି: "ଏଠାରେ ସାଇମନ୍ ସାହେବ ନାମକ ଜଣେ ନବଦୀକ୍ଷିତ ଅହେମଦି ଅଟନ୍ତି । ଆର୍ଥିକ ବଳିଦାନ ସଂକ୍ରାନ୍ତରେ ତାଙ୍କର ଧ୍ୟାନ ଯେତେବେଳେ ଆକର୍ଷଣ କରାଗଲା ଓ କୁହାଗଲା ଯେ, ଉକ୍ତ ଚାନ୍ଦା ଆମେମାନେ ପ୍ରଭୁଙ୍କ ପ୍ରେମ ତଥା ଅନୁଗ୍ରହତା ପ୍ରାପ୍ତି ସକାଶେ ଦେଇଥାଉ । ଏହା କୌଣସି ଶୁଳ୍କ ନୁହେଁ । ଈଶ୍ୱର ଏହି ବଳିଦାନକୁ ଏକ ଉତ୍ତମ ଋଣ ବୋଲି ବିବେଚିତ କରିଛନ୍ତି । ପ୍ରତ୍ୟୁତ୍ତରରେ ମହୋଦୟ ପ୍ରତ୍ୟେକ ସପ୍ତାହ ଚାନ୍ଦା ଦେବା ଆରମ୍ଭ କରିଦେଲେ । କିଛି କାଳ ପରେ କହିବାକୁ ଲାଗିଲେ ଯେ, ପୂର୍ବ ମୁଁ ଯେତେବେଳେ ଗୀର୍ଜାକୁ ଯାଉଥିଲି ଓ ପଇସା ସେଠାରେ ଦେଉଥିଲି ସେତେବେଳେ ଜୀବନରେ କିଛି ବି ପରିବର୍ତ୍ତନ ଏବଂ ପାର୍ଥକ୍ୟ ପଡୁ ନଥିଲା । କିନ୍ତୁ ଯେବେ ଠାରୁ ମୁଁ ଜମାଅତ୍‌ରେ ଆସି ଅଲ୍ଲାଃତାଲାଙ୍କ ମାର୍ଗରେ ଆର୍ଥିକ ବଳିଦାନ ଦେବା ଆରମ୍ଭ କରିଛି ସେବେଠାରୁ ଅଲ୍ଲାଃତାଲା ଏପରି ସ୍ରୋତରୁ ମୋର ଆବଶ୍ୟକତା ପୂରଣ କରିଦେଇ ଥାଆନ୍ତି ଯେ, ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଯାଉଛି ।"

**(ଅବଶିଷ୍ଟାଂଶ..............ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan